## ସଂକ୍ଷେପରେ

### ବସ୍ତା ଗ୍ରାମୀଣ ମହୋତ୍ସବର ପଞ୍ଚମ ସନ୍ଧ୍ୟା

ବସ୍ତା, ୬।୧(ସ୍ୱ.ପ୍ର.): ବସ୍ତା ଗ୍ରାମୀଣ ମହୋତ୍ସବର ପଞ୍ଚମ ସନ୍ଧ୍ୟା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଛି। ଏଥିରେ ଧ୍ରୁବଚରଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗମାଙ୍ଗ, ମୁଖ୍ୟବକ୍ତା ଭାବେ ବସ୍ତା ବିଡିଓ କୁକୁମିନା ଦାସ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ପ୍ରାରମ୍ଭରେ ଡ. ପ୍ରଦୀପକୁମାର ମିଶ୍ର ବେଦପାଠ କରିଥିବା ବେଳେ ପ୍ରାଧାପକ ବିଜୟକୁମାର ଘୋଷ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରିୟବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସସ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଛୋଟ ଛୋଟ ପିଲାଙ୍କ ଦ୍ୱାରା ଓଡ଼ିଶୀ ଓ ଆଧୁନିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଗିରିଧର ଗମାଙ୍ଗଙ୍କ ବାଦ୍ୟ ବିଚିତ୍ରା 'ନୃତ୍ୟାଙ୍ଗନା' ଓ 'ଭଜନ ସନ୍ଧ୍ୟା' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

### ସମାଜସେବୀଙ୍କ ଦ୍ୱାରା କମ୍ବଳ ବଣ୍ଟନ



ବାଲେଶ୍ୱର ଅଫିସ, ୬।୧: ବାଲେଶ୍ୱର ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତର ଟିଆଖିଆ ତ୍ରିରଙ୍ଗା କମ୍ୟୁନିଟି ସେଣ୍ଟରରେ ଯୁବ ସାମାଜିକ କର୍ମୀ ବେଣୁମାଧବ ପଣ୍ଡା ଶନିବାର ୩ଶହ ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ସଦର ବ୍ଲକର ପ୍ରତି ପଞ୍ଚାୟତରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସେ ପ୍ରକାଶ କରିଥିଲେ। ଏଥିରେ ଚକ୍ରଧର ପରିଡ଼ା, ଦିବାକର ପରିଡ଼ା, ପ୍ରବୀର ମଣ୍ଡଳ, ବସନ୍ତ ବାରିକ, ମହେଶ୍ୱର ଦାସ, ଆଶୁତୋଷ ରାଉତ, ଅର୍ଦ୍ଧେନ୍ଦୁ ଦାସ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଏଭଳି କାର୍ଯ୍ୟକ୍ରମକୁ ପଞ୍ଚାୟତରେ ସମସ୍ତ ଗ୍ରାମବାସୀ ପ୍ରଶଂସା କରିଥିଲେ।

### ୪୫ ୟୁନିଟ୍ ରକ୍ତ ସଂଗ୍ରହ

ସିମୁଳିଆ, ୬।୧(ଡି.ଏନ୍.ଏ.): ରକ୍ତଦାନ ମହତ ଦାନ ବାର୍ତ୍ତା ନେଇ ରବିବାର ଭାସ୍କରଚନ୍ଦ୍ର ସାମାଜିକ ସଙ୍ଗଠନ ଓ ଶ୍ୟାମସୁନ୍ଦରପୁର ଯୁବ ଗୋଷ୍ଠୀଙ୍କ ମିଳିତ ଆନୁକୂଲ୍ୟରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରି ଭଦ୍ରକ ବ୍ଲଡ଼ ବ୍ୟାଙ୍କକୁ ଦାନ କରାଯାଇଛି। ସ୍ଥାନୀୟ କୁଅଁରପୁର ଅଞ୍ଚଳର କମଳାକାନ୍ତ ହାଇସ୍କୁଲ ପରିସରରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲଡ଼ବ୍ୟାଙ୍କର ଡା. ବିମଳା ମିଶ୍ର, ସାଧୁସୂଦନ ବେହେରା, ରତିକାନ୍ତ ବଳ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ନାୟକ, ବସନ୍ତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠି, ସନ୍ତୋଷ ତିଆଡି ଓ ସୀତାଂଶୁ ଶେଖର ବେହେରା ପ୍ରମୁଖ ଥିଲେ।

### ସଙ୍ଗୀତସାଧନା ସିଦ୍ଧିର ବାର୍ଷିକ ଉତ୍ସବ




ବାଲେଶ୍ୱର ଅଫିସ, ୬।୧: ବାଲେଶ୍ୱର ଟାଉନହଲ୍‌ସ୍ଥିତ ନୃତ୍ୟ ସଙ୍ଗୀତ କଳାମନ୍ଦିର ପରିସରରେ ରବିବାର ସଙ୍ଗୀତ ସାଧନା ସିଦ୍ଧି (ସଂସାସି)ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ଦୂରଦର୍ଶନର ଅବସରପ୍ରାପ୍ତ ବିଶିଷ୍ଟ ତବଲା ବାଦକ ଗୁରୁ ଗୋପୀନାଥ ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଗାନ୍ଧର୍ବ ମହାବିଦ୍ୟାଳୟର ଓଡ଼ିଶା ପ୍ରତିନିଧି ଜାମିନୀକାନ୍ତ ମିଶ୍ର, ନୃତ୍ୟ ସଙ୍ଗୀତ କଳାମନ୍ଦିର ସଭାପତି ନିରଞ୍ଜନ ମହାନ୍ତି ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ନୃତ୍ୟ ସଙ୍ଗୀତ କଳା ମନ୍ଦିର ସମ୍ପାଦକ ଶରତ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂସାସିର ମୁଖ୍ୟ ଗୁରୁ ନନ୍ଦକିଶୋର ଦାସ ଏହାର ଅଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ବିଶିଷ୍ଟ ତବଲା ବାଦକ ଗୁରୁ ଗୋପୀନାଥ ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଦେଇଥିଲେ। ପୁରୀର ପ୍ରଜ୍ଞା ମିଶ୍ରଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ଭୋକାଲ ଗାନ, କେରଳର ରତ୍ନାଶ୍ରୀ ଆୟାର ଏକକ ତବଲା ବାଦନ, କରିଥିଲେ। ସୁକାନ୍ତ ପ୍ରଧାନ ଓ ଗୌରାଙ୍ଗ ଚରଣ ମହଲା ସହଯୋଗ କରିଥିଲେ। ପ୍ରଥମେ ୨୦ଜଣ ଛାତ୍ର ତବଲା ବାଦନ କରିଥିଲେ।

# ୯ରୁ ଆରମ୍ଭ ଗଙ୍ଗାସାଗର ମେଳା

- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ବନ୍ଦ ହେବ ରସଲପୁର-ମୟାଗାଲିନୀ ଲଞ୍ଚ୍ ଫେରିଘାଟ
- ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ପାଇଁ ପଦକ୍ଷେପ

ଭୋଗରାଇ, ୬।୧(ଡି.ଏନ୍.ଏ.)

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ଗଙ୍ଗାସାଗର ମେଳାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ଶାସକ ୱାଇ. ରତ୍ନାକର ରାଓ 'ଧରିତ୍ରୀ'କୁ ଏକ ସ୍ୱତନ୍ତ୍ର ସୂଚନା ଦେଇଛନ୍ତି। ଚଳିତବର୍ଷ ପ୍ରସିଦ୍ଧ ଗଙ୍ଗାସାଗର ମେଳା ଆସନ୍ତା ୯ ତାରିଖରୁ ଆରମ୍ଭ ହେବ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି। ଉତ୍ତରପ୍ରଦେଶରେ ଚଳିତ ମାସ ୧୫ରୁ ଅର୍ଦ୍ଧ କୁମ୍ଭମେଳା ଆରମ୍ଭ ହେବାକୁ ଥିଲେ ମଧ୍ୟ ଗଙ୍ଗାସାଗର ମେଳାକୁ ଗତବର୍ଷ ତୁଳନାରେ ଅଧିକ ତୀର୍ଥଯାତ୍ରୀ ଆଗମନ ହେବାର ସମ୍ଭାବନା ରହିଛି। ଏହାକୁ ନେଇ ପ୍ରଶାସନ ମଧ୍ୟ ତତ୍ପର ହୋଇଉଠିଛି।

ସାଗରଦ୍ୱୀପ ସମୁଦ୍ର ମଧ୍ୟରେ ତଟରକ୍ଷୀ ବାହିନୀକୁ ସଜାଗ ରଖାଯାଇଥିବା ବେଳେ ସ୍ଥଳ ଏବଂ ଆକାଶ ବାହିନୀକୁ ସୁରକ୍ଷା ଦୃଷ୍ଟିରୁ ସତର୍କ କରାଯାଇଛି। ସାଗରମେଳା ପ୍ରବେଶ ପଥରେ ମେଟାଲ ଡିଟେକ୍ଟର ସହ ଲଟ୍ ନଂ.୮, ନାମଖାନା, କାକଦ୍ୱୀପ, କଚୁବେଡ଼ିଆ, ଚେମାଗଡ଼ି, ଭାରତ ସେବାଶ୍ରମ ସଂଘ, ଶଙ୍କରାଚାର୍ଯ୍ୟାଶ୍ରମ,



ମୟାଗାଲିନୀ ଯାତ୍ରୀବାହୀ ଲଞ୍ଚ୍ ଫେରିଘାଟ।

କପିଳମୁନି ମନ୍ଦିର ଏବଂ ଭିଆଇପି ସ୍ଥାନରେ ୮ଶହ ସିସି କ୍ୟାମେରା ଖଞ୍ଜାଯାଇଛି। ଆସନ୍ତା ୯ ତାରିଖରୁ ରସଲପୁର-ମୟାଗାଲିନୀ ଯାତ୍ରୀବାହୀ ଲଞ୍ଚ୍ ଫେରିଘାଟ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଯିବ ବୋଲି ଘୋଷଣା କରାଯାଇଛି। ଏହି ଫେରିଘାଟ ବନ୍ଦ ଯୋଗୁ ବାଲେଶ୍ୱର ଜିଲାର ବହୁ ତୀର୍ଥଯାତ୍ରୀ କୁକୁଡ଼ାହାଟ, ଡାଇମଣ୍ଡ ହାର୍‌ବାର ଲଞ୍ଚ ଫେରିଘାଟ ପାରି ହେବା ସହିତ ଓଡ଼ିଶା ତୀର୍ଥଯାତ୍ରୀମାନେ ହାଓଡ଼ା ସିୟାଲ୍‌ଦା ଷ୍ଟେଶନରୁ ରେଳ ଯୋଗେ କାକଦ୍ୱୀପ ପର୍ଯ୍ୟନ୍ତ ଯାଇପାରିବେ। ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗଙ୍ଗାସାଗରରେ ବୁଡ଼ ପକାଇବା ସହିତ ଧାର୍ମିକ ପ୍ରବଚନ ଦେବାର ସୂଚନା ମିଳିଛି। ଏହି ପ୍ରସିଦ୍ଧ ମେଳାରେ ୬ ହଜାର ପୋଲିସ ବାହିନୀକୁ ସଜାଗ ରଖାଯାଇଥିବା ବେଳେ ୩ଜଣ ଏସ୍‌ପି, ୨୦ଜଣ ଅତିରିକ୍ତ ଏସ୍‌ପି, ୨୦ଟି ଡ୍ରୋନ୍, ୨୦୦ ବେଲୁନ୍ କ୍ୟାମେରା ରଖାଯାଇଛି। ମେଳାକୁ ସ୍ୱଚ୍ଛ ରଖାଯିବା ସହ ପ୍ଲାଷ୍ଟିକ୍‌ମୁକ୍ତ ସ୍ୱଚ୍ଛ ସୁପର ମେଳା ନିମନ୍ତେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିବେଦନ କରିଛନ୍ତି। ମେଳାକୁ ଯାଉଥିବା ଓ ଫେରୁଥିବା ତୀର୍ଥଯାତ୍ରୀଙ୍କ ଆକସ୍ମିକ ଦୁର୍ଘଟଣା ପାଇଁ ୫ଲକ୍ଷ ଟଙ୍କାର ବୀମାରାଶି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଚଳିତ ବର୍ଷ ମେଳାରେ ୧ଶହ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି।




## ସେଲ୍‌ଫି କର୍ନର



ସିଲନ



ଦିଲୀପ



ସତ୍ୟସାଇ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# 'ସେବା ମନୋଭାବ ନେଇ ଆଗେଇ ଆସ'

ବାହାନଗା, ୬।୧(ଡି.ଏନ୍.ଏ.)

ବାହାନଗା ବ୍ଲକ ସଦର ମହକୁମାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆନ୍ତଃ ମହାବିଦ୍ୟାଳୟ ଜାତୀୟ ସେବା ଶିବିର ଗତ ଗୁରୁବାର ଉଦ୍‌ଘାଟିତ ହୋଇ ଦୀର୍ଘ ୩ ଦିନ ପରେ ଶନିବାର ଶେଷ ହୋଇଛି। ଏହାକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସୋର ବିଧାୟକ ପର୍ଶୁରାମ ଧଡ଼ା ଉଦ୍‌ଘାଟନ କରିଥିଲେ। ଏହି ଇଣ୍ଟର କଲେଜ ଏନ୍‌ସିସି କ୍ୟାମ୍ପ୍ କାର୍ଯ୍ୟକ୍ରମରେ ୧୦ଟି କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ କୁମାର ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଲୋକଶକ୍ତି ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ରାୟ ଯୋଗଦେଇଥିଲେ। ସମ୍ମାନ୍‌ନୀୟ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ତଥା ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀଧର ମହାନ୍ତି ଯୋଗଦେଇଥିଲେ। ସାମାଜିକ କର୍ମୀ ପଣ୍ଟୁ ମଲିକ, ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ନାୟକ, ଏନ୍‌ଏସ୍‌ଏସ୍‌ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଗୋକୁଳ କ୍ରିଷ୍ଣନମ୍‌ଙ୍କ ସମେତ ଏନ୍‌ଏସ୍‌ଏସ୍ ଅଧିକାରୀ ମହେଶ୍ୱର ଉପାଧ୍ୟାୟ, ସ୍ନେହାଞ୍ଜଳି ଦାସ ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନ ନିମନ୍ତେ ଜାତୀୟ ସେବା ବାହିନୀର ପ୍ରମୁଖ ଭୂମିକା ଥିବା ବର୍ଣ୍ଣନା କରିଥିଲେ। ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଛାତ୍ରୀଛାତ୍ରମାନେ ଅଧିକରୁ ଅଧିକ ଏହି ଜାତୀୟ ସେବା ଯୋଜନା ଶିବିରରେ ଯୋଗଦେଇ ସେବା ମନୋଭାବ ନେଇ ଆଗେଇ ଆସିବାକୁ ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ୟୁକୋ ବ୍ୟାଙ୍କ ବାହାନଗା ଶାଖା ତରଫରୁ ଛାତ୍ରୀଛାତ୍ରଙ୍କୁ ବ୍ୟାଙ୍କିଙ୍ଗ୍ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶନିବାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ଏନଏସଏସ୍‌ର ପ୍ରୋଗ୍ରାମ କୋଅର୍ଡିନେଟର ଡ. ଦୀପକ କୁମାର ବେହେରା ଯୋଗଦେଇଥିଲେ। ଏଥିରେ ଅଧ୍ୟକ୍ଷ ମହାରଣା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ତର୍କଶାସ୍ତ୍ର ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ନାୟକ, ଜିଲା ଏନ୍‌ଏସଏସ୍ ସଂଯୋଜକ ସତ୍ୟପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ କ୍ୟାମ୍ପ୍‌ରେ ଯୋଗଦେଇଥିବା ୧୦ଟି ମହାବିଦ୍ୟାଳୟର ଏନ୍‌ଏସଏସ୍‌ର ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ଅବସରରେ ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଶେଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ସନ୍ଧ୍ୟାରାଣୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ
# ଦହିପୁର ଚାମ୍ପିୟନ

ଖଇରା, ୬।୧(ଡି.ଏନ୍.ଏ.)

ଖଇରା ବ୍ଲକ ଅଧୀନ ସାରୁଗାଁରେ ଶନିବାର ଏକ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଙ୍ଗଳପୁର, ବଧି, ଦହିପୁର, ଡଗରପଡା, ସୋର, କିସନନଗର ମୋଟ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ବଧି ଓ ଦହିପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଦହିପୁର ୨-୧ରେ ବଧିକୁ ପରାସ୍ତ କରିଥିଲା। ଦାମୋଦର ମହାପାତ୍ର ଓ ବିଶ୍ୱନାଥ ଗାହାଣ ମ୍ୟାଚ୍ ପରିଚାଳନା କରିଥିଲେ। ବିଶିଷ୍ଟ ବିଜେଡି ନେତା ନିକୁଞ୍ଜ କିଶୋର ଦାସ ଏବଂ ସନ୍ତୋଷ ଶତପଥି ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ସିଲ୍ଡ ସହ ୫ହଜାର ଓ ରନର୍ସ ଅପ୍ ଦଳକୁ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ବିଜୁ ଯୁବ ବାହିନୀର ସଭାପତି ଶ୍ରୀକାନ୍ତ ଗିରି, କମଳାକାନ୍ତ ଦାସ, ଗୌତମ ରାଉତ, ହୃଷିକେଶ ମହାନ୍ତି, ଦାଶରଥି ମହାନ୍ତି, ତ୍ରୟଲୋକ୍ୟ ମହାପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



କୁରୁଡ଼ା ମହୋତ୍ସବରେ ମଞ୍ଚାସୀନ ଅତିଥି।

# କୁରୁଡ଼ା ମହୋତ୍ସବ ଉଦ୍‌ଘାଟିତ

ରେମୁଣା/ରସାଲପୁର, ୬।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ କୁରୁଡ଼ା ଯାତ୍ରାପଡ଼ିଆରେ ରବିବାର ସନ୍ଧ୍ୟାରେ କୁରୁଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବସନ୍ତ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଭାସ୍କର ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ରାଉତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ପ୍ରଦାନ କରିଥାଏ ବୋଲି ମତ ରଖିଥିଲେ। ଉତ୍ସବରେ କାର୍ତ୍ତିକ ଚନ୍ଦ୍ର ଗିରି ସଭାପତିତ୍ୱ କରିଥିବା ବେଳେ ସଞ୍ଜୟ ସାମନ୍ତ ଅତିଥି ପରିଚୟ ପ୍ରଦାନ ଏବଂ ରାକେଶ କୁମାର ଗିରି ଓ ମଧୁସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ମହୋତ୍ସବ ୬ଦିନ ଧରି ଚାଲୁ ରହିବ। ଏହି ମହୋତ୍ସବରେ ବିଭିନ୍ନ ବର୍ଗର ୬୪ଗୋଟି ଷ୍ଟଲ୍ ପଡ଼ିଛି। ସ୍ଥାନୀୟ ଲୋକମାନେ ମେଳାକୁ ଉପଭୋଗ କରିବା ସହ ପ୍ରତିଦିନ ନାମୀଦାମୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ରେମୁଣା ବ୍ଲକର ୮ଟି ମାଟ୍ରିକ୍ ଟପ୍ପର ଛାତ୍ରଙ୍କୁ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

# ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ

ବାଲିଆପାଳ, ୬।୧(ଡି.ଏନ.ଏ.)

ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ନୟାବାଲିଠାରେ ରବିବାର ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ ବଣ୍ଟନ କରାଯାଇଛି। ଭାଜପା ମଣ୍ଡଳ ସଭାପତି ନୀଳକଣ୍ଠ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ପ୍ରତି ଗାଁରେ ମହିଳାଙ୍କୁ ମାଗଣାରେ ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଉଛି। ଫଳରେ ଗ୍ରାମାଞ୍ଚଳର ମହିଳାମାନେ ବେଶ ଲାଭ ଉଠାଇପାରୁଛନ୍ତି। ସେମାନଙ୍କୁ ପୂର୍ବପରି ଆଉ କଷ୍ଟ କରିବାକୁ ପଡୁନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଯୁବନେତା କ୍ଷୀତିଶ କୁମାର ଜେନା, ନାରୀନେତ୍ରୀ ଅମିତା କର, ବଂଶୀଧର ମାଣିକ, ରବୀନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଆପାଳ ସତ୍‌ସଙ୍ଗ କେନ୍ଦ୍ରର ପ୍ରତିଷ୍ଠା ଦିବସ

ବାଲିଆପାଳ, ୬।୧(ସ୍ୱ.ପ୍ର.)

ବାଲିଆପାଳ ବ୍ଲକର ବାଲିଆପାଳ ସତ୍‌ସଙ୍ଗ କେନ୍ଦ୍ରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଆବିର୍ଭାବ ଦିବସ ଉପଲକ୍ଷେ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବାଲିଆପାଳ ସତ୍‌ସଙ୍ଗ କେନ୍ଦ୍ରର ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି।

ପ୍ରବକ୍ତା ଭାବେ ଡ. ଅଜିତ୍ ଦାସ, ଅଧ୍ୟାପକ କେଦାର ମହାନ୍ତି, ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ସାହୁ, ଅଭିନ୍ନ ପଟ୍ଟନାୟକ, ସୁରେନ୍ଦ୍ର ପଟ୍ଟନାୟକ, ଚକ୍ରଧର ଜେନା ଯୋଗଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ବିଭିନ୍ନ ଉପଦେଶ ଉପରେ ଆଲୋଚନା କରିବା ସହ ସତ୍‌ମାର୍ଗ ଓ ସତ୍‌ସଙ୍ଗର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପୂର୍ବାହ୍ନରେ ଏକ ବିରାଟ ଶୋଭାଯାତ୍ରା ସତ୍‌ସଙ୍ଗ କେନ୍ଦ୍ରଠାରୁ ବାହାରି ବାଲିଆପାଳ ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲା। ଉପସ୍ଥିତ ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଜଗନ୍ନାଥ ପ୍ରଧାନ, ମଧୁସୂଦନ ବାରିକ, ପଙ୍କଜ ସାହୁ, ପରମାନନ୍ଦ ବାରିକ, ଲକ୍ଷ୍ମୀକାନ୍ତ ରାଉଳ, ପ୍ରଶାନ୍ତ ରାଉତ, ଲକ୍ଷ୍ମୀଧର ବାରିକଙ୍କ ସମେତ ଅନେକ ଭକ୍ତ ସହଯୋଗ କରିଥିଲେ।



ସତ୍‌ସଙ୍ଗ କେନ୍ଦ୍ରର ୨୩ତମ ପ୍ରତିଷ୍ଠା ଦିବସରେ ଅତିଥିଗଣ।

## ଗଠନ ହେଲା କୃଷକ ଜାଗରଣ ସଂଘ
# ଚାଷୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

ରୂପ୍‌ସା, ୬।୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତର ଚାଷୀମାନଙ୍କୁ ନେଇ ରବିବାର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କସିପଦା କୃଷକ ଜାଗରଣ ସଂଘ ଗଠନ କରାଯାଇଥିଲା। ଏଥିରେ ସଂଘ ସଭାପତି ଅନ୍ତର୍ଯ୍ୟାମୀ ରଣା ପୌରୋହିତ୍ୟ କରି ସରକାର ଚାଷୀଙ୍କ ସାମଗ୍ରିକ ବିକାଶ ଉପରେ ସର୍ବଦା ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ। ସଂଯୋଜକ ପୂର୍ବତନ ସରପଞ୍ଚ ମାୟାଧର ଜେନା, ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ ଓ ଅଶ୍ୱିନୀ ପ୍ରଧାନ, ଉପଦେଷ୍ଟା ସନ୍ତୋଷ କୁମାର ପ୍ରଧାନ, ସୀତାରାମ ପ୍ରଧାନ ଓ ହୃଷିକେଶ ମହାରଣା ପ୍ରମୁଖ କୃଷକଙ୍କ ମୌଳିକ ସୁବିଧା ପାଇଁ ସବୁଠି ଜଳସେଚନ ବ୍ୟବସ୍ଥା, କୃଷକଙ୍କୁ ଭତ୍ତା ପ୍ରଦାନ, କୃଷି ଋଣ ଛାଡ଼, ଚାଷ ଜମିରେ ଚକ ରାସ୍ତା ନିର୍ମାଣ, ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପସଭାପତି ଭାବେ ହରିହର ଲେଙ୍କା, ଶଶୀକାନ୍ତ ମହାପାତ୍ର, ଖଗେନ୍ଦ୍ର ବେହେରା, ଗଦାଧର ପରିଡ଼ା, ନିରଞ୍ଜନ ଦଳାଇ, ସହସମ୍ପାଦକ ଭାବେ ରବୀନ୍ଦ୍ର ବେହେରା, ଗୌରହରି ବିଶ୍ୱାଳ ଓ ଝଡ଼ିବନ୍ଧୁ ବେହେରା ପ୍ରମୁଖ ମନୋନୀତ ହୋଇଥିଲେ। ପଞ୍ଚାୟତ ଅନ୍ତର୍ଗତ ଆଗୁରୁଗୋହିରା, ତାହାରପୁର, ଆଗମୌଜା, କାଦମୌଜା, କସିପଦା, ବରହମପୁର ଓ ହାତିଆଡ଼ିହା ଆଦି ଗ୍ରାମରୁ ଅଗ୍ରଣୀ ଚାଷୀ ସମାବେଶରେ ଉପସ୍ଥିତ ଥିଲେ।



ସମାବେଶରେ ଉପସ୍ଥିତ ଚାଷୀମାନେ।

# ପୋଲିସ ଭିଡ଼ିଓ ଭାଇରାଲ ନେଇ ଚର୍ଚ୍ଚା

ସିମୁଳିଆ, ୬।୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଥାନାର ଜଣେ ଅଧିକାରୀଙ୍କ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗତ ୧୮।୧୨।୧୮ ରେ ରୁଜୁ ହୋଇଥିବା ଏକ ମାମଲା ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବରେ ହେବା ସମ୍ପର୍କରେ ଏହି ଅଧିକାରୀ ଓ ଏତଲାକାରୀଙ୍କ ମଧ୍ୟରେ ବଚସା ଭାଇରାଲ ହୋଇଛି। ପାରିବାରିକ କଳହକୁ ନେଇ ଅଡ଼ିଆ ଅଞ୍ଚଳର ସନ୍ଧ୍ୟାରାଣୀ ନାୟକଙ୍କ ଗାଲକୁ ତାଙ୍କ ଯା' ମୌନାବତୀ କାମୁଡି ଛିଡ଼ାଇ ଦେଇଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ.୩୦୨/୧୮) ମାମଲା ରୁଜୁ କରିଥିଲା। ଘଟଣାର ୧୯ଦିନ ପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶନିବାର ସନ୍ଧ୍ୟାରାଣୀ ଓ ତାଙ୍କ ସ୍ୱାମୀ ଗୟାଧର ଥାନାରେ ପହଞ୍ଚିବା ପରେ ପୋଲିସ ସହିତ ଯୁକ୍ତିତର୍କ ହୋଇଥିଲା। ଏଏସ୍‌ଆଇ ଧନେଶ୍ୱର ନନ୍ଦଙ୍କୁ ପଚାରିବାରୁ ଏହାର ମାମଲା ରୁଜୁ ହୋଇଛି। ତେବେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ପାଇଁ ଏତଲାକାରୀ ଦାବି କରୁଛନ୍ତି। ଅଭିଯୁକ୍ତ ମୌନାବତୀଙ୍କର ଦେଢ଼ ବର୍ଷର ଏକ ଶିଶୁ ଥିବାରୁ ମାନବିକତା ଦୃଷ୍ଟିରୁ ତାଙ୍କୁ କୋର୍ଟଚାଲାଣ କରାଯାଇ ନ ଥିବାର ସେ କହିଛନ୍ତି।

# ଆଶା କର୍ମୀ ଚୟନରେ ଅନିୟମିତତା ଅଭିଯୋଗ

ଖଇରା, ୬।୧(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ମହିଷାମୁଣ୍ଡା ଓ ଚକାପଦା ଅଙ୍ଗନୱାଡି କେନ୍ଦ୍ର ପରିସରରେ ଆଶା କର୍ମୀ ନିଯୁକ୍ତି ନେଇ ହୋଇଥିବା ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନିଯୁକ୍ତିରୁ ବଞ୍ଚିତ ପ୍ରମିଳାରାଣୀ ବାରିକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରେ ଶନିବାର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଉକ୍ତ କେନ୍ଦ୍ର ପାଇଁ ଆଶାକର୍ମୀର ଆବଶ୍ୟକତା ଥିବା ଦୃଷ୍ଟିରୁ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୦ଦିନ ଭିତରେ ଆବେଦନର ତାରିଖ ବିଜ୍ଞାପନରେ ଧାର୍ଯ୍ୟ କରାଯାଇଥିବାରୁ ପ୍ରମିଳାରାଣୀ ବାରିକ ଗତ ୨।୩୦।୧୧।୨୦୧୮ରିଖରେ ଆବେଦନ କରିଥିଲେ। ଶୁକ୍ରବାର ମହିଷାମୁଣ୍ଡା ଅଙ୍ଗନୱାଡି କେନ୍ଦ୍ରରେ ଚୟନ କରାଯାଇଥିଲା। ସପ୍ତମ ପାସ୍‌ରୁ ଯୁକ୍ତ ୩ ପର୍ଯ୍ୟନ୍ତ ଯୋଗ୍ୟତାକୁ ବିଚାରକୁ ନିଆଯିବ ବୋଲି ବିଜ୍ଞାପନରେ ପ୍ରକାଶ ପାଇବା ସହ ଚୟନ କେନ୍ଦ୍ରରେ ଉପସ୍ଥିତ ଥିବା ଅଧିକାରୀ ପ୍ରକାଶ କରିଥିଲେ। ଏଥିପାଇଁ ୪ଜଣ ଦରଖାସ୍ତ କରିଥିଲେ ହେଁ ସମସ୍ତ ସର୍ତ୍ତ ପୂରଣ କରୁଥିବା ପ୍ରମିଳା ବାରିକ ଓ ନନ୍ଦିନୀ ଜେନାଙ୍କ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପ୍ରମିଳା ବାରିକ ଯୁକ୍ତ ୨ ପାସ୍ କରିଥିବା ବେଳେ ନନ୍ଦିନୀ ଜେନା ଦଶମ ପାସ କରିଥିଲେ। ମାତ୍ର ବିଜ୍ଞାପନ ଅନୁଯାୟୀ ସବୁଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତାକୁ ବିଚାରକୁ ନିଆଯିବା କଥା। କିନ୍ତୁ ଚୟନ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ଯୁକ୍ତ ୨କୁ ବିଚାରକୁ ନ ନେଇ ୧୦ମ ପାସ୍ କରିଥିବା ନନ୍ଦିନୀ ଜେନାଙ୍କୁ ଆଶାକର୍ମୀ ଭାବେ ନିଯୁକ୍ତି ଦେଇଛନ୍ତି। ଦରଖାସ୍ତକାରିଣୀଙ୍କ ସହିତ ଉପସ୍ଥିତ ଥିବା ସମସ୍ତ ମହିଳାଗ୍ରୁପର କର୍ମକର୍ତ୍ତାମାନେ ପ୍ରତିବାଦ କଲେ ମଧ୍ୟ ଅଧିକାରୀମାନେ କୌଣସି ଅଭିଯୋଗ ଶୁଣି ନ ଥିବା ଗ୍ରୁପ ସଭାପତି ଅନୁସୁୟା ଜେନା ଓ ବାସନ୍ତିଲତା ଜେନା ପ୍ରକାଶ କରିଛନ୍ତି। ଚୟନ ସମୟରେ ମେଡିକାଲ ଏଏନଏମ୍ କାମିନୀବାଳା ଦାସ, ମହିଷାମୁଣ୍ଡା ଅଙ୍ଗନୱାଡି କର୍ମୀ ସସ୍ମିତା ଶତପଥୀ, ଚକାପଦା ଅଙ୍ଗନୱାଡି କର୍ମୀ ଜୟନ୍ତୀ ତିଆଡି, ବିଭିନ୍ନ ମହିଳା ଗ୍ରୁପ ସଭାପତି, ସମ୍ପାଦକ ଓ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିବେକାନନ୍ଦ ଦାସଙ୍କ ସହ ଯୋଗାଯୋଗ କରିବାରେ ଅଭିଯୋଗ ତାଙ୍କ ନିକଟରେ ପହଞ୍ଚିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବୋଲେରା-ଟ୍ରକ ଧକ୍କା: ୧ ମୃତ, ୫ଗୁରୁତର

**ବେତନଟୀ, ୬।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ତାରାକୋଠି ନିକଟରେ ଶନିବାର ରାତିରେ ଏକ ଟ୍ରକ ଓ ବୋଲେରୋ ମଧରେ ଧକ୍କା ହୋଇଛି। ଫଳରେ ବୋଲେରୋରେ ଥିବା ସମିର ନାୟକ (୨୧)ଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ୫ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ଘର ଗୋପିବଲ୍ଲଭପୁର ଥାନା ବୁଢ଼ାବଣୀ ଗ୍ରାମରେ। ବୋଲେରୋରେ ଚାଳକଙ୍କ ସମେତ ୮ଜଣ ଗୋପିବଲ୍ଲଭପୁରରୁ କଟକ ଯାଉଥିଲାବେଳେ ତାରାକୋଠିଠାରେ ଟ୍ରକ ସହ ଧକ୍କା ହୋଇଥିଲା। ବେତନଟୀ ପୋଲିସ ପହଞ୍ଚି ଏକ ଦୁର୍ଘଟଣାଜନିତ ମାମଲା (ନଂ.୩/୨୦୧୯) ରୁଜୁ କରି ଦୁଇ ଗାଡ଼ିକୁ ଜବତ କରିଛି। ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି।

### ଅବ୍ୟବସ୍ଥାରେ କୁଆମରା ଫାଣ୍ଡି

**କୁଆମରା, ୬।୧:** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଫାଣ୍ଡିଟି ପ୍ରଶାସନ ଅବହେଳା ଓ ଅଣଦେଖା ପାଲଟିଛି। ଗୋପବନ୍ଧୁନଗର ବ୍ଲକର ଶେଷ ସୀମାରେ ଏହି ଫାଣ୍ଡିଟି ଅବସ୍ଥିତ। ଥାନାଠାରୁ ଫାଣ୍ଡିର ଦୂରତା ୩୦ କ.ମି. ହୋଇଥିବାରୁ ଜରୁରୀ ସମୟରେ ପୋଲିସ ସେବା ମିଳିପାରୁ ନାହିଁ। ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଳା, ଓ କୁଶଳଦା ପଞ୍ଚାୟତର କେତେକ ଗାଁ ଏହି ଫାଣ୍ଡି ଅଧୀନରେ ରହିଛି। ଫାଣ୍ଡିର ପାଞ୍ଚ କନଷ୍ଟେବଲ ଓ ଜଣେ ସବ୍ ଇନ୍ସପେକ୍ଟର ପଦରେ ଥିବାବେଳେ ଏବେ ୨କନଷ୍ଟେବଲଙ୍କୁ ନେଇ ଫାଣ୍ଡି ଚାଲିଛି। ତିନି ମାସ ତଳେ ଫାଣ୍ଡି ଅଧିକାରୀଙ୍କ ଦୁର୍ଘଟଣା ପରେ ସେହି ପଦବୀ ଫାଙ୍କା ପଡ଼ିଛି। ଖୁଣ୍ଟା ଥାନା ଅଧୀନରେ କୁଆମରା ଓ ଡୁକୁରା ଫାଣ୍ଡି ରହିଛି। କୁଆମରାରେ ପଚାଶ ପ୍ରତିଶତ ମାମଲା ବର୍ଷକୁ ରୁଜୁ ହୋଇଥିବାରୁ ଏହି ଫାଣ୍ଡିର ଯଥେଷ୍ଟ ଅଧିକ ଗୁରୁତ୍ୱ ରହିଛି। ମାତ୍ର କର୍ମଚାରୀ ଅଭାବରୁ ଅସାମାଜିକ କାର୍ଯ୍ୟ ବଢ଼ିଚାଲିଛି। ତୁରନ୍ତ ଫାଣ୍ଡିକୁ ଜଣେ ଅଫିସରଙ୍କ ସହ ଆବଶ୍ୟକ କର୍ମଚାରୀ ଯୋଗାଇ ଦେବାକୁ ଦାବି ହେଉଛି।

### ଆୟକର ସମ୍ବନ୍ଧୀୟ ତାଲିମ ଶିବିର

**ବଡ଼ସାହି, ୬।୧(ସ୍ୱ.ପ୍ର.):** ବଡ଼ସାହି ବ୍ଲକର କାର୍ଯ୍ୟରତ ପ୍ରଧାନଶିକ୍ଷକ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନେଇ ବଡ଼ସାହି ଉପ୍ରା ସ୍କୁଲରେ ଆୟକର ସମ୍ବନ୍ଧୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏବିଇଓ ସୋମନାଥ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଶିକ୍ଷକ ମୁରଲୀଧର ନାଏକ, ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ପଞ୍ଚାନନ ବେହେରା, ସମ୍ପାଦକ ବୀରେନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ସମସ୍ତଙ୍କୁ ଆୟକର ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ୨୦୧୮-୧୯ ବର୍ଷର ଆୟ ଅନୁଯାୟୀ ଦାଖଲ କରିବାକୁ ଥିବା ଆୟକର ଓ ଆଗାମୀ ୨୦୧୯-୨୦ ଆର୍ଥିକ ବର୍ଷର ସମ୍ଭାବ୍ୟ କରର ଆକଳନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହସମ୍ପାଦକ ମହେଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜବାସୀଙ୍କ ଆଶା ଆଶାରେ ରହିଗଲା

- କେନ୍ଦ୍ର ମନ୍ତ୍ରୀଙ୍କ ବିରୋଧରେ କୋର୍ଟ ଯିବେ ଏମ୍‌ପି ହାଁସଦା
- ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ଜିଲାର ଦାବି ଜଣାଇବେ
- ବାଙ୍ଗିରିପୋଷି-ଗୋରୁମହିଷାଣି, ବାଦାମପାହାଡ-କେନ୍ଦୁଝର ରେଳ ସଂଯୋଗ ଦାବି
- ବୁଢ଼ାମରା-ଚାକୁଲିଆ ରେଳ ଲାଇନ ଦ୍ୱାରା ଲାଭାନ୍ୱିତ ହେବେନି ଜିଲାବାସୀ

**ବାରିପଦା ଅଫିସ,୬।୧**


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏମ୍‌ପି ରାମଚନ୍ଦ୍ର ହାଁସଦା ଓ ଅନ୍ୟମାନେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବାରିପଦା ଗସ୍ତରେ ଆସିଥିଲେ। ୪ ହଜାର ୫ ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କଲେ। ହେଲେ ମୟୂରଭଞ୍ଜବାସୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ଠାରୁ ଯେଉଁ ଆଶା ରଖିଥିଲେ ସେହି ଆଶା ଆଶାରେ ହିଁ ରହିଗଲା। ମୟୂରଭଞ୍ଜ ରେଳସେବା କ୍ଷେତ୍ରରେ ବିକାଶ କିମ୍ବା ଜିଲାରେ ନିଯୁକ୍ତି ସୁଯୋଗ ଦେଲେ ନାହିଁ ବୋଲି ମୟୂରଭଞ୍ଜ ଲୋକସଭା ଏମ୍‌ପି ରାମଚନ୍ଦ୍ର ହାଁସଦା ଅଭିଯୋଗ କରିଛନ୍ତି। ରାଜ୍ୟର ଦଳୀୟ ସଭାରେ ତାଙ୍କ ପ୍ରତି କଟୁ ଭାଷା ପ୍ରୟୋଗ କରିଥିବାରୁ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ କୋର୍ଟର ଆଶ୍ରୟ ନେବେ ବୋଲି ରବିବାର ଉଦଳା ରୋଡର ଏକ ହୋଟେଲ ସମ୍ମିଳନୀ କକ୍ଷରେ ବିଜେଡିରୁ ନିଲମ୍ବିତ ହୋଇଥିବା ମୟୂରଭଞ୍ଜ ଲୋକସଭା ଏମପି ହାଁସଦା କହିଛନ୍ତି।

ଏମପି ହାଁସଦାଙ୍କ କହିବା ମୁତାବକ ମୟୂରଭଞ୍ଜ ଜିଲାରେ ୧୯୦୪ ମସିହାରେ ପ୍ରଥମେ ରେଳସେବା ଆରମ୍ଭ ହୋଇଥିଲା। ଏହା ମଧରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ରେଳସେବାରେ ବିକାଶ କାର୍ଯ୍ୟ ଆଶାନୁରୂପ ହୋଇପାରିନାହିଁ। ଖଡଗପୁର ଡିଭିଜନ ଅଧୀନ ଏହି ରେଳପଥର ବିକାଶ ପାଇଁ କେନ୍ଦ୍ର ସରକାର ବାରମ୍ବାର ଅବହେଳା କରିଆସୁଥିବାରୁ ରେଳପଥ ସମ୍ପ୍ରସାରଣ ଭଳି କାର୍ଯ୍ୟ ଯୋଜନାରେ ଅଟକି ରହିଛି। ବିଶେଷ କରି ବାଙ୍ଗିରିପୋଷି-ଗୋରୁମହିଷାଣି ଓ ବାଦାମପାହାଡ-କେନ୍ଦୁଝର ରେଳ ଲାଇନ ସଂଯୋଗ ଦାବି ସେ ବାରମ୍ବାର ଜଣାଇଛନ୍ତି। ୨୦୧୭ ଡିସେମ୍ବରରେ ରେଳ ମନ୍ତ୍ରୀ ପିୟୁଷ ଗୋୟଲଙ୍କୁ ସେ ସାକ୍ଷାତ କରି ପୂର୍ବ ସର୍ଭେ ରିପୋର୍ଟ ଭୁଲ ଥିବା ଏବଂ ଏହାକୁ ପୁନର୍ବାର ସର୍ଭେ କରିବାକୁ ଜଣାଇଥିଲେ। ଉପରୋକ୍ତ ୨ଟି ରେଳ ଲାଇନ ପାଇଁ ସର୍ଭେ ମଧ ହୋଇଥିଲା। ହେଲେ ଏ ସମ୍ପର୍କରେ କିନ୍ତୁ ବିଭାଗ ପକ୍ଷରୁ ସୂଚନା ଦିଆଯାଉ ନାହିଁ। ସେହିପରି ତତ୍କାଳିନ ମୟୂରଭଞ୍ଜ ଏମ୍‌ପି ଓ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ ବୁଢ଼ାମରା-ଚାକୁଲିଆ ରେଳ ଲାଇନକୁ ସର୍ଭେ କରାଯାଇ ବାର୍ଷିକ ଆୟ ୧୪ ପ୍ରତିଶତ କରାଯାଇଥିଲା। ଏହି ପ୍ରକଳ୍ପ ଏବେ ସୁପ୍ତ ଅବସ୍ଥାରେ ରହିଛି। ଶନିବାର ଟାଟାନଗର(ଝାରଖଣ୍ଡ)ରୁ ବାଦାମପାହାଡ(ମୟୂରଭଞ୍ଜ)କୁ ଏକ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ହେଲେ ବାଦାମପାହାଡ-ଟାଟାନଗର-ରାଉରକେଲା (୨୪୨ କିମି )ପାଇଁ ଏକ ଟ୍ରେନ ଚଳାଚଳ କରାଯିବାର ଆବଶ୍ୟକତା ରହିଛି। ପ୍ରତିଦିନ ମୟୂରଭଞ୍ଜ ଜିଲାରୁ ୧୦ରୁ ଉର୍ଦ୍ଧ୍ୱ ବସ ରାଉରକେଲା ପାଇଁ ଚଳାଚଳ କରୁଛି। ଏନେଇ ସେ ରେଲୱେ ବିଭାଗ ନିକଟରେ ପୂର୍ବରୁ ଅଭିଯୋଗ କରିଛନ୍ତି। ରେଳ ଅଭାବ ଯୋଗୁଁ ଏହା ସମ୍ଭବ ନୁହେଁ ବୋଲି ସେତେବେଳ ଉତ୍ତର ମିଳିଥିଲା। ରେଳ ସେବା କ୍ଷେତ୍ରରେ ଏବେ ବି ମୟୂରଭଞ୍ଜ ଜିଲା ପଛରେ ରହିଛି।

ସେହିପରି ଶିମଳିପାଳ ଅଭୟାରଣ୍ୟର ବିକାଶ ପାଇଁ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ୬୪ଟି ପରିବାର ଏଠାରେ ବସବାସ କରୁଥିବାରୁ ଜାତୀୟ ଉଦ୍ୟାନ ଭାବେ ମଧ ମାନ୍ୟତା ପାଇପାରୁନାହିଁ। ଏବଂ ଶିମିଳିପାଳର ସୁରକ୍ଷା ଏବଂ ଗମନାଗମନାର ସୁବିଧା ମଧ କରାଯାଉ ନାହିଁ। ୨୦୧୪-୧୫ ଆର୍ଥିକ ବର୍ଷରେ ଗମନାଗମନର ସୁବିଧା ପାଇଁ ୪୦ କୋଟି ଟଙ୍କା ଅନୁଦାନ ଆସିଥିଲା। ଏବଂ ଏହା ଖର୍ଚ୍ଚ ନ ହୋଇ ଫେରିଯାଇଛି। ଏହା ସହିତ ହୋ ଏବଂ ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି ମଧ ପ୍ରଧାନମନ୍ତ୍ରୀଙ୍କ ଠାରେ ଉଠାଇବେ ବୋଲି କହିଛନ୍ତି। ଶନିବାର ଦଳୀୟ ସଭାରେ ଜଣେ କେନ୍ଦ୍ରମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ ତାଙ୍କୁ ଆକ୍ଷେପ କରି କଟୁ କଥା କହିଥିଲେ। ଜଣେ ଆଦିବାସୀ ଏମ୍‌ପିଙ୍କୁ ସର୍ବସାଧାରଣରେ ଦୁର୍ନୀତିଗ୍ରସ୍ତ ବୋଲି କହିଥିଲେ। ଏହା ତାଙ୍କ ସମ୍ମାନରେ ଆଞ୍ଚ ଆଣିଥିବାରୁ କୋର୍ଟର ଆଶ୍ରୟ ନେବେ ବୋଲି ହାଁସଦା କହିଛନ୍ତି। ଏମ୍‌ପିଙ୍କ ଅଭିଯୋଗରେ ପ୍ରତିକ୍ରିୟା ରଖି ଜିଲା ଭାଜପା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏବଂ ଏମ୍‌ପି ହାଁସଦା ଜନ ବିଭ୍ରାନ୍ତିକର ତଥ୍ୟ ଦେଉଥିବା ସେ କହିଛନ୍ତି।

### ନିତେଇ ଗ୍ରାମରେ ଅଗ୍ନିକାଣ୍ଡ

**ବାଙ୍ଗିରିପୋଷି, ୬।୧ (ଡି.ଏନ.ଏ.):** ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ଦିଘି ପଞ୍ଚାୟତର ନିତେଇ ଗ୍ରାମରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ଘଟିଛି। ଗୋଟିଏ ପରିବାର ସର୍ବସାନ୍ତ ହୋଇଯିବା ସହ ବାସହୀନ ହୋଇପଡିଛନ୍ତି। କୌଣସି କାରଣ ବଶତଃ ଉକ୍ତ ଗ୍ରାମର ପାଉତୁ ମାଝୀଙ୍କ ଘରେ ନିଆଁ ଲାଗି ଜଳିଯିବା ସହ ଘରେ ଥିବା ଧାନ, ଚାଉଳ, ସହିତ ଘରେ ଥିବା ସମସ୍ତ ଆସବାବପତ୍ର, ଖାଦ୍ୟ ସାମଗ୍ରୀ, କିଛି ନଗଦ ଟଙ୍କା ଜରୁରୀ କାଗଜପତ୍ର ଜଳି ଯାଇଛି । ସେହିପରି ପଡୋଶୀ ନାରାୟଣ ହେମ୍ବ୍ରମଙ୍କ ଘରେ ନିଆଁ ଲାଗି ଯାଇଥିଲେ ମଧ ଗ୍ରାମବାସୀଙ୍କ ସାହାଯ୍ୟ ଯୋଗୁ ଘରଟି ସମ୍ପୂର୍ଣ୍ଣ ଜଳିବାରୁ ବର୍ତ୍ତି ଯାଇଥିଲା। ତାଙ୍କର ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି ଘଟିଛି। ଖବର ପାଇ ବାଙ୍ଗିରିପୋଷି ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିପାରି ନ ଥିଲେ। ସ୍ଥାନୀୟ ସରପଞ୍ଚ ବଙ୍କିମ ଚନ୍ଦ୍ର ବିଜୁଳି ଅଗ୍ନିବିପନ୍ନଙ୍କୁ ଚୁଡା, ଚାଉଳ ପ୍ରଦାନ କରିଥିଲେ । ସେହିପରି ସ୍ଥାନୀୟ ଗ୍ରାମବାସୀ ଅନ୍ତର୍ଯ୍ୟାମୀ ମହାନ୍ତ ମୁଢି ଓ ଗୁଡ ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବୀ ଯୁବକ ରାଜୁ ଖାମରାୟ ଓ ଛାତୁରାମ ମୁର୍ମୁ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇଥିଲେ। ସରକାରୀ ସାହାଯ୍ୟ ମିଳିବା ପର୍ଯ୍ୟନ୍ତ ଆଗକୁ ମଧ ଅଗ୍ନିବିପନ୍ନଙ୍କୁ ସାହାଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ଜାତୀୟ ଶିଶୁ ଓ ଯୁବ ମହୋତ୍ସବ ଉଦ୍‌ଯାପିତ

**ବେତନଟୀ, ୬।୧(ଡି.ଏନ.ଏ.)**



ଉଦ୍‌ଯାପନୀ ସନ୍ଧ୍ୟାରେ ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରୁଛନ୍ତି।

ମୟୂରଭଞ୍ଜ ଜିଲା ବେତନଟୀ ୟଙ୍ଗ ମ୍ୟାନ ଆସୋସିଏଶନ ଦ୍ୱାରା ଚାଲିଥିବା ଜାତୀୟ ସ୍ତରରେ ଶିଶୁ ଓ ଯୁବ ମହୋତ୍ସବ କାର୍ଯ୍ୟକ୍ରମର ରୌପ୍ୟ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ବମ୍ବେର ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ବିନୋଦ ରାଠୋଡ଼ ଓ ଅର୍କେଷ୍ଟ୍ରା ପାର୍ଟିର ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି ଗୁରୁବାର ପଞ୍ଚମ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି ଉତ୍ସବରେ ୩ ବର୍ଷର ଶିଶୁଙ୍କ ଠାରୁ ଆରମ୍ଭ କରି କିଶୋର ଓ ଯୁବକ ମାନଙ୍କୁ ନେଇ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରତି ସନ୍ଧ୍ୟାରେ ପୁରସ୍କୃତ କରାଯାଇଥିଲା। ଏହି ବର୍ଷ ୟଙ୍ଗ ମ୍ୟାନ ଆସୋସିଏଶନର ୨୫ ବର୍ଷ ପୂର୍ଣ୍ଣ ହୋଇଥିବାରୁ ପ୍ରଦୀପ କୁମାର ସାମଲଙ୍କ ଦ୍ୱାରା ଏହି ଉତ୍ସବ ଆୟୋଜିତ ହୋଇଥିଲା।

### ୧୦ରୁ ଇଉଫୋରିଆ ଭାଗ ନେବେ ୪୦୦ ପ୍ରତିଯୋଗୀ

**ବାରିପଦା ଅଫିସ, ୬।୧:** ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରଚେଷ୍ଟା କରୁଥିବା ଅଗ୍ରଣୀ ଅନୁଷ୍ଠାନ ଦି ଇଉଫୋରିଆ ଚଳିତ ବର୍ଷ ୨୨ତମ ରାଜ୍ୟସ୍ତରୀୟ ଯୁବମହୋତ୍ସବ ଇଉଫୋରିଆ-୨୦୧୯ ଆସନ୍ତା ୧୦ରୁ ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ଇଉଫୋରିଆର ସଭାପତି ତାପସ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପଢୁଥିବା ଯୁବ ପ୍ରତିଭାମାନଙ୍କ ମଧରେ ଥିବା ବିଭିନ୍ନ ପ୍ରତିଭାକୁ ଗୋଟିଏ ମଞ୍ଚରେ ଆଣି ଛିଡ଼ା କରାଇବାର ପ୍ରଚେଷ୍ଟା କରାଯାଉଛି। ଏଥିରେ ରାଜ୍ୟର ପ୍ରାୟ ୪୦ଟି ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ୪ଶହ ପ୍ରତିଯୋଗୀ ଭାଗନେବାର କାର୍ଯ୍ୟକ୍ରମ ରହିଛି। ପ୍ରତି ବର୍ଷ ଭଳି ଚଳିତ ଥର ମଧ ୨୬ଟି ପ୍ରତିଯୋଗିତା ହେବା ସହ ମିଷ୍ଟର ଓ ମିସ ଇଉଫୋରିଆ ପ୍ରତିଯୋଗିତା ହେବାର ସ୍ଥିର ହୋଇଛି। ଆସନ୍ତା ୧୦ରୁ ୧୩ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ବିଭିନ୍ନ ପ୍ରତିଯୋଗୀମାନ ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହେବା ସହ ୧୩ ତାରିଖ ସନ୍ଧ୍ୟାରେ ଛଉ ପଡ଼ିଆ ଠାରେ ଏହାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅଧକ୍ଷ ଅସୀତ କୁମାର ଗିରି ସୂଚନା ଦେଇଛନ୍ତି। ଏହି ଯୁବ ମହୋତ୍ସବ ପାଳନ ହେଉଥିବା ସହ ଅନୁଷ୍ଠାନର ସଭ୍ୟମାନଙ୍କର ସହଯୋଗ ରହିବ ବୋଲି ସମ୍ପାଦକ ସତ୍ୟ ସ୍ୱରୂପ ଦାଶ କହିଛନ୍ତି। ଏହି ୪ଦିନ ଧରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତିଯୋଗୀମାନେ ନିଜ ନିଜ ମଧରେ ଭାଇଚାରାର ଅନୁଭୂତି ବାଣ୍ଟି ପାରୁଛନ୍ତି ବୋଲି ମଧ ସେ କହିଛନ୍ତି।

■ ଗାଭାସ୍କର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ

# ମୋରଡ଼ା ଦଳ ଚାମ୍ପିୟନ



ଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ବଡ଼ସାହି, ୬।୧(ସ୍ୱ.ପ୍ର.)**

ବଡ଼ସାହି ବ୍ଲକ ଅଧୀନରେ ଥିବା ମାଣତ୍ରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ଦିନ ଧରି ଚାଲିଥିବା ୫ମ ବାର୍ଷିକ ଗାଭାସ୍କର ଟ୍ରଫି ଟେନ୍-୧୦ ଓଭର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ୧୬ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ । ରବିବାର ଫାଇନାଲ ଖେଳ ଝାରପୋଖରିଆର ଏଲ୍‌ଆର୍‌ଏସ୍ ଦଳ ଓ ମୋରଡ଼ାର ସିକ୍ସର ଦଳ ମଧରେ ଅନୁଷ୍ଠିତ ହୋଇଥିଲା । ମୋରଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ଗୋଟିଏ ଉଇକେଟ ହରାଇ ୧୦ଓଭରରେ ୧୪୯ରନ୍ କରିଥିଲା। ଦଳ ପକ୍ଷରୁ ମନ୍‌ଜିତ ୩୬ବଲରେ ୮୭ ଓ ସୁଧାକର ୨୩ବଲ୍‌ରେ ୬୧ରନ୍ କରିଥିଲେ । ଜବାବରେ ଝାରପୋଖରିଆ ଦଳ ୬ ଉଇକେଟ ହରାଇ ୯୭ରନ ସଂଗ୍ରହ କରି ପରାଜିତ ହୋଇଛି। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିବା ପାଇଁ ଅଜିତ ପଣ୍ଡାଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସରପଞ୍ଚ ମହାଦେବ ସିଂ, ସମ୍ମାନିତ ଅତିଥି ଭାବେ ମାନସ ରଞ୍ଜନ ପଣ୍ଡା, ତପନ ପତି, ଦେବାଶିଷ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ । ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୩୦ହଜାର ଓ ୨୦ହଜାର ଟଙ୍କା ନଗଦ ପୁରସ୍କାର ରାଶି ତଥା ଟ୍ରଫି ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ବ୍ୟାଟ୍ସମ୍ୟାନ ମନ୍‌ଜିତ ଭରତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରିଥିଲେ। ଏମ୍‌ସିସି କ୍ଲବର ସଦସ୍ୟ ଯତିନ ପତି, ଲକ୍ଷ୍ମୀଧର ଦେହୁରୀ, ଭବାନୀ ଦେହୁରୀ, ରତିକାନ୍ତ ଖଟୁଆ, ଶଶି ପଲେଇ, ଶିବନାରାୟଣ ପତିଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ବିଦ୍ୟାଳୟରେ ଘୋଷ ସଞ୍ଚାଳନ କାର୍ଯ୍ୟକ୍ରମ



ଶିଶୁମନ୍ଦିର ପକ୍ଷରୁ ଉଦଳା ବଜାର ପରିକ୍ରମା କରାଯାଉଛି।

**ଉଦଳା, ୬।୧ (ଡି.ଏନ.ଏ.):** ମୟୂରଭଞ୍ଜ ଉଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାଲେଶ୍ୱର ବିଭାଗର ଘୋଷ ସଞ୍ଚାଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଡ. ଶ୍ୟାମସୁନ୍ଦର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ବିଭାଗର ବିଭାଗ ନିରୀକ୍ଷକ ହରିଶ୍ଚନ୍ଦ୍ର ପଣ୍ଡା, ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ଖଗେଶ୍ୱର ସିଂହ, ଉଦଳା ଉଚ୍ଚ ବିଦ୍ୟାଳୟ ଏନସିସି ଶିକ୍ଷକ ନାରାୟଣ ହାତୀ ପ୍ରମୁଖ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସଞ୍ଚାଳନ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍କୁଳରୁ ଆସିଥିବା ୫୦ ଜଣ ଶିଶୁ ଭାଗ ନେଇଥିଲେ । ଏହି ସଞ୍ଚଳନ ବିଦ୍ୟା ମନ୍ଦିର ପରିସରରୁ ବାହାରି ଉଦଳା ବଜାର ପରିକ୍ରମା କରି ବିର୍ସାମୁଣ୍ଡା ଛକ ନିକଟରେ ପହଞ୍ଚିଥିଲା । ଶେଷରେ କୃତିତ୍ୱ ପ୍ରଦର୍ଶନ କରିଥିବା ଦଳକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ, ସେବିକା, ସେବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।

# ରବି ଚାଷ ପାଇଁ ଚୁଇଁପୋଷିଠାରେ ବୈଠକ

**କପ୍ତିପଦା,୬।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଅଧୀନ ପିଙ୍ଗୁ ପଞ୍ଚାୟତର କାଳ ସବ୍‌ଡିଭିଜନ୍ ଅଫିସ୍ ଠାରେ ୧ ନମ୍ବର ପାଣଇ ପଞ୍ଚାୟତର ସଭାପତି ସର୍ବେଶ୍ୱର ରାଉତଙ୍କ ଅଧକ୍ଷତାରେ ରବି ଚାଷ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କାଳ ପ୍ରକଳ୍ପ ଶୀର୍ଷ କମିଟିର ଅଧକ୍ଷ ଯଜ୍ଞ ନାରାୟଣ ମହାନ୍ତି, ସେଚ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ରେମ୍‌ଲିନ୍ ସାହୁ, ସହକାରୀ ଯନ୍ତ୍ରୀ ସ୍ୱରୂପ କୁମାର ନାଏକ, ସେଚାଞ୍ଚଳ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ସୋମରାଜ ପ୍ରଧାନ, କପ୍ତିପଦା ବ୍ଲକ୍ କୃଷି ଅଧିକାରୀ ବିଭୁ ପ୍ରସାଦ ଦତ୍ତ, ନେଟ୍‌ସାର୍ଫର ହରିଶ୍ଚନ୍ଦ୍ର ବାରିକ୍, ପୀତାମ୍ବର ବେଜ୍ ଏବଂ ୧ନଂ ପାଣି ପଂଚାୟତର ଅନ୍ତର୍ଗତ କାର୍ଯ୍ୟନିର୍ବାହୀ ସଦସ୍ୟ କୃଷି ଉଦ୍‌ଯୋଗୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଆଗାମୀ ରବି ଚାଷ ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଏଥିପାଇଁ ଜାନୁଆରୀ ୧୮ ତାରିଖଠାରୁ ଜଳଯୋଗାଣ ପାଇଁ ସମସ୍ତ ସଦସ୍ୟମାନେ ମତ ଦେଇଥିଲେ। ପ୍ରକଳ୍ପ କମିଟିର ଅଧକ୍ଷ ଯଜ୍ଞ ନାରାୟଣ ମହାନ୍ତି ରବି ଚାଷ ପୂର୍ବରୁ ମାଇନର, ସବ୍-ମାଇନର ମରାମତି କାର୍ଯ୍ୟ କରିବା ପାଇଁ ସହଯୋଗୀ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ଆଗତ କରିଥିଲେ। ଜଳସେଚନ ଦ୍ୱାରା କରନାଳି କାର୍ଯ୍ୟ ମଧ ହେବା ସମ୍ବନ୍ଧରେ ଆଲୋଚନା ହୋଇ ସମସ୍ତ ଚାଷୀ କରନାଳି କାର୍ଯ୍ୟ ପାଇଁ ସ୍ୱଇଚ୍ଛାରେ ଜମି ଯୋଗାଇ ଦେବା ପାଇଁ ମତ ଦେଇଥିଲେ। ବୈଠକରେ ଜୈବିକ କୃଷି ଦ୍ୱାରା କୃଷକର ଉନ୍ନତି ସମ୍ପର୍କରେ ନେଟ୍‌ସାର୍ଫ କର୍ମକର୍ତ୍ତାମାନେ ଚାଷୀମାନଙ୍କୁ ବୁଝାଇଥିଲେ। ଶେଷରେ ଚୁଇଁପୋଷି ଗ୍ରାମର ପ୍ରମୁଖ ଚାଷୀ ପ୍ରଫୁଲ୍ଲ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ।

# ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବି

**ବାରିପଦା ଅଫିସ,୬।୧**


କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

ଭାରତ ମୁଣ୍ଡାସମାଜର ଏକ ପ୍ରତିନିଧିଦଳ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱିକୃତୀ ଦାବି ନେଇ ଏକ ସ୍ମାରକ ପତ୍ର କେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜୁଏଲ ଓରାମଙ୍କୁ ପ୍ରଦାନ କରିଛନ୍ତି। ଭାରତ ମୁଣ୍ଡା ସମାଜ ଓଡିଶା ସଭାପତି ରବୀନ୍ଦ୍ରନାଥ ସିଂହଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ଦାବି ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ, ଭାରତ ମୁଣ୍ଡା ସମାଜ,ଓଡିଶା ପ୍ରଦେଶର ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, କୋଷାଧକ୍ଷ ବାଇଧର ସିଂ, ଉପଦେଷ୍ଟା ମନୋଜ କୁମାର ମୁଣ୍ଡା, ସଭ୍ୟ ଚନ୍ଦ୍ରମୋହନ ସିଂ, ରାମେଶ୍ୱର ସିଂ, ଗୁରୁଚରଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକ ପତ୍ରକୁ ସେ ଗ୍ରହଣ କରିଥିଲେ ଓ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱିକୃତୀ ପାଇଁ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଣ୍ଡା ସମ୍ପ୍ରଦାୟ ମଧରେ ଥିବା ତାମୁଡିଆ ଭୁମିଜକୁ ଏସ୍‌ଟି ତାଲିକାଭୁକ୍ତ କରିବାପାଇଁ ସରକାରଙ୍କ ପାଖରେ ବହୁ ପୂର୍ବରୁ ଦିଆଯାଇଥିବା ଦାବିର ତୁରନ୍ତ ସମାଧାନ ପାଇଁ ପ୍ରତିନିଧିମାନେ ମନ୍ତ୍ରୀ ତଥା କେନ୍ଦ୍ର ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

## ସଂକ୍ଷେପରେ

### ଅଟୋ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ

ତିହିଡ଼ି, ୬।୧ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଭଦ୍ରକ-ଚାନ୍ଦବାଲି ରାସ୍ତାର ଚାରିତରଫ ନିକଟରେ ରବିବାର ପୂର୍ବାହ୍ନରେ ଏକ ଅଟୋ ଓଲଟି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ତଳକାଁପଡ଼ା ଅଞ୍ଚଳର ସୁବଳ ଦାସ(୪୫)। ଆହତ ବ୍ୟକ୍ତି ବଙ୍ଗାଳିଦପା ଅଞ୍ଚଳର ରତିକାନ୍ତ ମଳିକ(୩୦) ବୋଲି ଜଣାପଡ଼ିଛି। ସେମାନେ ଅଟୋରେ ଚାନ୍ଦବାଲି ଅଭିମୁଖେ ଯାଉଥିବା ବେଳେ ଚାରିତରଫ ନିକଟରେ ଗାଡ଼ି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁବଳଙ୍କୁ ମୃତ ଘୋଷଣା କରିଥିଲେ। ରତିକାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଅଟୋ ଚାଳକ ଫେରାର ଥିବା ସୂଚନା ମିଳିଛି।

### ବୋଲେରୋ ଓଲଟି ୨ ଗୁରୁତର

ପଦ୍ମପୁର, ୬।୧ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର-ପଦ୍ମପୁର ରାସ୍ତାର କମାରଗାଁ ଛକ ନିକଟରେ ରବିବାର ଅପରାହ୍ନରେ ଏକ ବୋଲେରୋ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଚାଳକ ଓ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଆହତଦ୍ୱୟ ହେଲେ ସନ୍ତୋଷ ମଲିକ ଓ ଶୁଭ୍ରାଂଶୁ ନାୟକ। ସନ୍ତୋଷଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶୁଭ୍ରାଂଶୁ ବାସୁଦେବପୁରରେ ଚିକିତ୍ସିତ ହେଉଛନ୍ତି। ବାସୁଦେବପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

### 'ସମ୍ପର୍କକୁ ନିବିଡ଼ କରେ ମହୋତ୍ସବ'

ଭଦ୍ରକ ଅଫିସ, ୬।୧: କର୍ମକ୍ଳାନ୍ତ ଜୀବନରେ ମନୋରଞ୍ଜନର ଆବଶ୍ୟକତା ଅନୁଭୂତ ହୋଇଥାଏ। ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଆବଶ୍ୟକତାକୁ ପୂରଣ କରେ ଓ ମେଳାକୁ ଆସୁଥିବା ଲୋକଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ କରିଥାଏ ବୋଲି ନେହେରୁ ଷ୍ଟାଡ଼ିୟମ ପରିସରରେ ଚାଲିଥିବା ଭଦ୍ରକ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭଗତ ସେନା ଆବାହକ ସୀତାଂଶୁ ଶେଖର ମହାପାତ୍ର ମତବ୍ୟକ୍ତ କରିଥିଲେ। ରୋଟାରିଆନ ଅତିଶ କୁମାର ବେହେରା ସଂଯୋଜନା କରିଥିଲେ। କମିଟି ସଦସ୍ୟା ମନୋରମା ରାୟ ସ୍ୱାଗତ ଭାଷଣ ଓ ଜୟନ୍ତୀ କରଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଚୈତାଳୀ ଖିଲାର ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର, ପ୍ରଭାତ ଜେନା, ମିଡିଆ ସେଲ୍ ମୁଖ୍ୟ ଅବିନାଶ ପଣ୍ଡା, ସାଂସ୍କୃତିକ ସମ୍ପାଦକ ପୀତାମ୍ବର ରେଡ୍ଡି, ଉପସଭାପତି ଚାରୁଦତ୍ତ ନାୟକ, ପ୍ରିୟଦର୍ଶନ ବୋଇତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ନାଟ୍ୟାନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ୨୪ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭଦ୍ରକ ଅଫିସ, ୬।୧: ଅଖିଳ ଭାରତୀୟ ଦୁଃଖୀ ସମାଜ ଆନୁକୂଲ୍ୟରେ ପୁରୁଣାବଜାର ମାଚିସ ଫ୍ୟାକ୍ଟ୍ରିଠାରେ ସଫେଇ ଓ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ.ମନାୱର ହୋସେନ ସଭାପତିତ୍ୱ ଓ ସମ୍ପାଦକ ରେଜା-ଏ-ରସୁଲ ଅଧକ୍ଷତା କରିଥିଲେ। ଆସନ୍ତା ୨୪ ତାରିଖରେ ଭଦ୍ରକ ସହରର ସମସ୍ତ ଗଳିକନ୍ଦି ରାସ୍ତା ସଫେଇ କରାଯିବ। ସେହିପରି ବାଇପାସ୍ ରୋଡସ୍ଥିତ ସରକାର ନଗର(ଖାନ୍‌କାହ) ପରିସରରେ ରକ୍ତଦାନ ଶିବିର କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ହାଜି ଅନୱର ହୋସେନ, ହାଜି କାଶିମ ଖାନ, ମହମ୍ମଦ ଅତାୱାଲା, ହାଜି ହୁମାୟୁନ, ସବ୍‌ବୀର ଅଲୀ, ହବିବୁଲ୍ଲା ଖାଁ, ଅବୁ ହୋସେନ, ତବାରକ ଅଲ୍ଲୀ, ଲିୟା ମାଷ୍ଟର, ମୋଜୋ ଖାଁ ପ୍ରମୁଖ ଯୋଗ ଦେଇଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ

ଭଦ୍ରକ ଅଫିସ, ୬।୧: ଭଦ୍ରକ ପୁରୁଣାବଜାରସ୍ଥିତ ଗୌସିଆ ଇଂଲିଶ ମିଡ଼ିୟମ ସ୍କୁଲର ୩ୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତାଜୱର ବେଗମ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାବୀର ପଡ଼ିଆଠାରେ ସ୍କୁଲ ନିର୍ଦ୍ଦେଶକ ସମିମ ଅଖତରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ଅଧ୍ୟକ୍ଷ ସାଦିଆ ନସ୍‌ରିନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜୁନେଦ ଅୱାରୀ କ୍ରୀଡ଼ା ପରିଚାଳନା କରିଥିଲେ।



ନାମ ପଞ୍ଜୀକରଣ ପାଇଁ ପ୍ରତିଯୋଗୀଙ୍କ ଲମ୍ବାଧାଡ଼ି।


ଅତିଥିଙ୍କ ଗହଣରେ ଶିଶୁ ପ୍ରତିଯୋଗୀମାନେ।

# ରଙ୍ଗତୂଳୀରେ ସଚେତନତାର ବାର୍ତ୍ତା

## ■ ଜିଲାସ୍ତରୀୟ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା ■ ଭାଗ ନେଲେ ୯୯ ଛାତ୍ରୀଛାତ୍ର

ଭଦ୍ରକ ଅଫିସ, ୬।୧

ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଧରିତ୍ରୀ ପକ୍ଷରୁ ଶିଶୁ କଳାକାରଙ୍କୁ ନେଇ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ୯୯ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ପ୍ରକୃତି ଓ ପରିବେଶକୁ ନେଇ ଚିତ୍ର ଆଙ୍କିଥିଲେ। ରଙ୍ଗ ଓ ତୂଳୀରେ ସେମାନେ କଳା ପ୍ରତିଭା ପ୍ରଦର୍ଶନ କରି ସମାଜକୁ ସଚେତନତାମୂଳକ ବାର୍ତ୍ତା ଦେଇଥିଲେ। ଜୁନିୟର ବିଭାଗର ଛାତ୍ରୀଛାତ୍ରଙ୍କ 'ଆମ ସ୍ୱଚ୍ଛ ବିଦ୍ୟାଳୟ' ଚିତ୍ର ଜୀବନ୍ତ ଓ ମନୋମୁଗ୍ଧକର ହୋଇଥିଲା। ଏହି ପ୍ରତିଯୋଗିତାରେ ୩୩ଟି ବିଦ୍ୟାଳୟର ଏଲ୍‌କେଜିଠାରୁ ୧୦ମ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ୩ଟି ଗ୍ରୁପରେ ଭାଗ ନେଇଥିଲେ। ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ଚିତ୍ରାଙ୍କନ କିଟ୍‌ସ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସବ୍‌ଜୁନିୟର ଗ୍ରୁପରେ ଜ୍ୟୋତି କନଭେଣ୍ଟ ସ୍କୁଲର ସାଇକୃଷ୍ଣ ମଲିକ ୧ମ, ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ଦୀପ୍ତାଂଶୁ ପଣ୍ଡା ୨ୟ, ସାଇଶ୍ରୀ ମେରି ଟାଇମ ଏକାଡେମୀର ପ୍ରଭୁପ୍ରସାଦ ବେହେରା ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ଗ୍ରୁପରେ ଜ୍ୟୋତି କନଭେଣ୍ଟ ସ୍କୁଲର ଗାୟତ୍ରୀ ସାହୁ ୧ମ, ସନସାଇନ ମିଶନ ସ୍କୁଲର ଯସ୍ମିନ ମହାନ୍ତି ୨ୟ, ହାପିହୋମ ସ୍କୁଲର ଭାଗ୍ୟଶ୍ରୀ ମହାରଣା ୩ୟ ସ୍ଥାନ ଅଧିକାର କରିଥିଲେ। ସିନିୟର ଗ୍ରୁପରେ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ସୁଦୀପ ଦାସ ୧ମ, ନଟବର ସରକାରୀ ୟୁପି ସ୍କୁଲର ଲିକିତା ଜେନା ୨ୟ, ଏସ୍‌ଏସ୍‌ଭିଏମ୍ ତିହିଡ଼ି ସ୍କୁଲର ଶୁଭସ୍ମିତା ପାଣିଗ୍ରାହୀ ୩ୟ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର, ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଧରିତ୍ରୀର ଏଭଳି ଅଭିନବ ଉଦ୍ୟମକୁ ପ୍ରଶଂସା କରିଥିଲେ। ପିଲାଙ୍କ ଧରିତ୍ରୀ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରି ଧରିତ୍ରୀ ପାଠକଙ୍କ ଆଦୃତ ହୋଇପାରିଥିବା ସେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ତଥା ଖବରକାଗଜ ବିତରକ ସଂସ୍ଥା ନଲେଜ ସେଣ୍ଟର ସତ୍ତ୍ୱାଧିକାରୀ ଶେଖ୍ ଆସିଫ ଅଲ୍ଲି ଯୋଗଦେଇ ବିଭିନ୍ନ ବର୍ଗର ପାଠକଙ୍କ ରୁଚିକୁ ଦୃଷ୍ଟିରେ ରଖି ଧରିତ୍ରୀ ଆୟୋଜନ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି କହିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ଦିବ୍ୟସିଂହ ଦାସ ଅଧିକାରୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ରାକେଶ ପଣ୍ଡା, ଭଦ୍ରକ ମାନବାଧିକାର ସୁରକ୍ଷା ସଭାପତି ରାଜଲକ୍ଷ୍ମୀ ମହାପାତ୍ର, ନେତାଜୀ ସୁଭାଷ ବାହିନୀର ଆବାହକ ବିକାଶ ଶ୍ରେଷ୍ଠା ପ୍ରମୁଖ ଯୋଗଦେଇ ଶିଶୁ ଚିତ୍ରକରଙ୍କ ପ୍ରତିଭାକୁ ବିକଶିତ କରିବାରେ ଧରିତ୍ରୀର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। କଳା ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରାରମ୍ଭିକା ନାୟକ ମୂଲ୍ୟାୟନ କରିଥିଲେ।

ଧରିତ୍ରୀର ଜିଲା ପ୍ରତିନିଧି ବିଭୁପ୍ରସାଦ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଧରିତ୍ରୀର ବିଭିନ୍ନ ଅଞ୍ଚଳର ପ୍ରତିନିଧି ଦୀପ୍ତିରଞ୍ଜନ ନାୟକ, ସନାତନ ରାଉତ, ଉମେଶ କର, ଦେବେନ୍ଦ୍ର ଆନ୍ଦିଆ, ନାରାୟଣ ବାରିକ, କାଳୀପଦ ରାୟ, ମନୋରଞ୍ଜନ ବାରିକ, ଅଜିତ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ନେତାଜୀ ସୁଭାଷ ବାହିନୀ ପକ୍ଷରୁ ସମ୍ପାଦକ ଅମିୟାଂଶୁ ସାହାଣୀ, ସହସମ୍ପାଦକ ସତ୍ୟସାଇ ପରିଡ଼ା, ଶିବାନନ୍ଦ ଭଟ୍ଟାଚାର୍ଯ୍ୟ, ସନ୍ତୋଷ ମଣ୍ଡଳ, ରାଜା ମହାଲିକ, ରଶ୍ମିରଞ୍ଜନ ସାହୁ, ସମ୍ବିତ ଜେନା, ସୌମ୍ୟରଞ୍ଜନ ପୋଥାଳ, ଶଶାଙ୍କ ଦାସ, ପୂର୍ଣ୍ଣେନ୍ଦୁ ଶତପଥୀ, ଅନନ୍ତ ନାୟକ, ଜ୍ଞାନରଞ୍ଜନ ପାଣିଗ୍ରାହୀ ଓ ଗଣେଶ ପ୍ରସାଦ ବାରିକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଜେଏସ୍‌ଡବ୍ଲ୍ୟୁ ଭଦ୍ରକ ପ୍ରିମିୟର ଲିଗ୍ ୪ର୍ଥ ସଂସ୍କରଣ

## ସନ୍‌ରାଇଜର୍ସ ସୁପର ଜାଏଣ୍ଟ୍‌ସ, ମହାବୀର ୱାରିୟର୍ସ ବିଜୟୀ

ଭଦ୍ରକ ଅଫିସ, ୬।୧

ଭଦ୍ରକ ଚରମ୍ପା ଇଷ୍ଟକୋଷ୍ଟ କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ପଥରକାଳୀ ପଡ଼ିଆରେ ଚାଲିଥିବା ଜେଏସ୍‌ଡବ୍ଲ୍ୟୁ ଭଦ୍ରକ ପ୍ରିମିୟର ଲିଗ୍ ୪ର୍ଥ ସଂସ୍କରଣର ରବିବାର ଚତୁର୍ଥ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ସନରାଇଜର୍ସ ସୁପର ଜାଏଣ୍ଟ୍‌ସ ଓ ଦ୍ୱିତୀୟ ମ୍ୟାଚ୍‌ରେ ମହାବୀର ୱାରିୟର୍ସ ବିଜୟୀ ହୋଇଛି। ନାଇଟ ହର୍ଷ୍ଟର୍ସ ଏବଂ ସନ୍‌ରାଇଜର୍ସ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ସନରାଇଜର୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୨୮ ରନ୍ କରିଥିଲା। ୧୨୯ ରନ୍‌ର ପିଛା କରି ହର୍ଷ୍ଟର୍ସ ଦଳ ୧୫.୩ ଓଭରରେ ମାତ୍ର ୭୩ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଶିକ୍ଷାବିତ ଇନ୍ଦ୍ରଜିତ୍ ସାହୁ ଅତିଥି ଭାବେ ଯୋଗଦେଇ ପ୍ରୀତମଜିତ୍ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ରଞ୍ଜନ ମହାନ୍ତି ଓ ଲଲାଟକେଶରୀ ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ। ଚରମ୍ପା ବ୍ଲାଷ୍ଟର ଓ ମହାବୀର ୱାରିୟର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ୱାରିୟର୍ସ ଦଳ ଟସ୍ ଜିତି ଚରମ୍ପାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଚରମ୍ପା ଦଳ ୧୯.୧ ଓଭରରେ ୧୫୧ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦ୍ୱିତୀୟ ଇନିଙ୍ଗ୍‌ସରେ ୧୫୨ ରନ୍‌ର ପିଛା କରି ୱାରିୟର୍ସ ୧୬.୩ ଓଭରରେ ୩ ଉଇକେଟ ହରାଇ ୧୫୪ ରନ୍ କରିଥିଲା। ସତ୍ୟପ୍ରକାଶ ମହାନ୍ତି ଅତିଥି ଭାବେ ଯୋଗଦେଇ ବ୍ରଜେଶ୍ୱର ପୃଷ୍ଟିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ବିଶ୍ୱମ୍ଭର ମହାରଣା ଓ ଲାଲାଟକେଶରୀ ନନ୍ଦ ଅମ୍ପାୟାର ଭାବେ ପରିଚାଳନା କରିଥିଲେ।

## ଶ୍ରମିକ ସଙ୍ଗଠନର ସାଧାରଣ ସଭା

ତିହିଡ଼ି, ୬।୧ (ଡି.ଏନ.ଏ.)

ତିହିଡ଼ି ବଜାରରେ ଶ୍ରମିକ ସଙ୍ଗଠନ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୮ ଓ ୯ରେ ଦେଶବ୍ୟାପୀ ଧର୍ମଘଟ ପାଇଁ ସଭା ହୋଇଥିଲା। ବିଷ୍ଣୁ ଦାଶ ପୌରୋହିତ୍ୟ କରିଥିଲେ। ଶ୍ରମିକ ନେତା ଦିବ୍ୟସିଂହ ନାୟକ, ନିରଞ୍ଜନ ପାଣି, ପ୍ରଫୁଲ୍ଲ ପାଢ଼ୀ, ସମର ବଳ, ସତ୍ୟବ୍ରତ କୁଣ୍ଡ, ଅମୀୟଚାନ୍ଦ ନାୟକ, ସଂଗ୍ରାମ ବଳ, ଚୁନିଲତା ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ବାସୁଦେବପୁର ସୌରଭ ସମ୍ମାନ ଉତ୍ସବ

ବାସୁଦେବପୁର, ୬।୧ (ଡି.ଏନ.ଏ.)

ବାସୁଦେବପୁର ଯାଦବ ପଡ଼ିଆଠାରେ ନବନିର୍ମାଣ ସେନା ପକ୍ଷରୁ ୬ଷ୍ଠ ବାର୍ଷିକ ବାସୁଦେବପୁର ସୌରଭ ସମ୍ମାନ ଉତ୍ସବ ଅନୁଷ୍ଠିତ ହେଉଛି। କବି ତଥା ସଂଗ୍ରାହକ ବିକାଶ ଚନ୍ଦ୍ର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ ସମାରୋହ ଏକ ଅଞ୍ଚଳର ଗୁରୁତ୍ୱକୁ ବଢ଼ାଇବା ସହିତ ଭାଷା ସାହିତ୍ୟକୁ ସମୃଦ୍ଧ କରାଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ନିରଦ ଦାଶ ଯୋଗ ଦେଇଥିଲେ। କବି ଗଗନ ବିହାରୀ ସେଠୀ ସଭାରେ ପୌରୋହିତ୍ୟ କରିଥିଲେ। ସମାରୋହର ୨ୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୁବ ସମାଜ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ଦିଗରେ ଧ୍ୟାନ ଦେବାକୁ ସେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ରତ୍ନାକର ବାରିକ ଯୋଗ ଦେଇଥିଲେ। ଶିକ୍ଷକ ଅଦ୍ୱୈତ୍ୟ ପ୍ରସାଦ ନାୟକ ସଭାରେ ପୌରୋହିତ୍ୟ କରିଥିଲେ। ନବନିର୍ମାଣ ସେନା ସଭାପତି ଜୟପ୍ରକାଶ ମଲିକ ସ୍ୱାଗତ ଭାଷଣ ଓ ସଦସ୍ୟ ଅଲେଖ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ।

■ ଆମେ ପକ୍ଷରୁ ଅମାବାସ୍ୟା ଆସର

## 'କବିତାର ମୋହ ଓ ମୁହଁ' ନେଇ ଆଲୋଚନା

ଭଦ୍ରକ ଅଫିସ, ୬।୧



ଅମାବାସ୍ୟା ଆସରରେ ଉପସ୍ଥିତ ଅତିଥିବୃନ୍ଦ।

ଭଦ୍ରକ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ 'ଆମେ' ପକ୍ଷରୁ ପୋଷ୍ଟ ଅଫିସ ଛକସ୍ଥିତ ନୀଳଲୋହିତ ମହାଦେବ ମନ୍ଦିର ପରିସରରେ ଅମାବାସ୍ୟା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଅଟଳ ବିହାରୀ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ 'କବିତାର ମୋହ ଓ ମୁହଁ' ବିଷୟକୁ ନେଇ ଆଲୋଚନା କରାଯାଇଥିଲା। କବି ଅଶୋକ ନାୟକ ମୁଖ୍ୟଅତିଥି ଓ ସାହିତ୍ୟ ଏକାଡେମୀ ସଭ୍ୟ ଡ. ଶଶଧର ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସାହିତ୍ୟ ପ୍ରତି ସାହିତ୍ୟିକଙ୍କ ଭାବପ୍ରବଣତା ଏବଂ ଦୁର୍ବଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ପ୍ରଗତିଶୀଳ ସାହିତ୍ୟ ପରିଷଦ ଅଧ୍ୟକ୍ଷ ଅଧିବକ୍ତା ଗିରିଧାରୀ ନାଥ, ଡ. ଅବନୀ ପ୍ରଧାନ, ଡ. ଲକ୍ଷ୍ମୀକାନ୍ତ ନାୟକ, ବିଦ୍ୟାଧର ପଲେଇ, ବୈଜ୍ଞାନିକ ରମାକାନ୍ତ ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗିରିଜା ଶଙ୍କର ମହାପାତ୍ର, କବି ଦିବ୍ୟସିଂହ ଦାସ ଅଧିକାରୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କବି ରମେଶ ସ୍ୱାଇଁ, ରମାକାନ୍ତ ପାଲ, ସୁମନ୍ତ ନାୟକ, ଅବନୀ ପ୍ରଧାନ, ଅଶୋକ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଦେବେନ୍ଦ୍ର ବେହେରା, ଅକ୍ଷୟ ଯେନା, କାର୍ତ୍ତିକ ରାଉତ, ଅକ୍ଷୟ ଭୋଳ, ଦୀନବନ୍ଧୁ ବାରିକ, ବିଶ୍ୱନାଥ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଆବେଦନ ଫର୍ମ ନ ପାଇବାରୁ ଉତ୍ତେଜନା

ବନ୍ତ, ୬।୧ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନାରେ ଚାଷୀମାନେ ସାମିଲ ହେବା ପାଇଁ ଆବେଦନ କରିବାକୁ ବନ୍ତ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଉଛି। ଏପରିକି ଆବଶ୍ୟକ ସଂଖ୍ୟକ ଫର୍ମ ନ ଥିବାରୁ ନ ପାଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଉଛି। ଚାଷୀଙ୍କୁ ବୁଝାଇବାକୁ ଯାଇ ନୋଡାଲ ଅଫିସରମାନଙ୍କୁ ନାକେଦମ ହେବାକୁ ପଡୁଛି। ଗତ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଥିବାବେଳେ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଆଗରପଡା ସହ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କ ସୂଚନା ଅନୁଯାୟୀ, ପ୍ରଥମ ଦିନରେ ୫୦, ୨ୟ ଦିନରେ ୭୫, ୩ୟ ଦିନରେ ୨୦୦, ୪ର୍ଥ ଦିନରେ ୩୦୦ ଆବେଦନ ଫର୍ମ ପ୍ରତି ପଞ୍ଚାୟତକୁ ଯୋଗାଇ ଦିଆଯାଇଛି। ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ୫୦୦ରୁ ଅଧିକ ଚାଷୀଙ୍କ ଭିଡ଼ ଲାଗୁଥିବାରୁ ଫର୍ମ ପର୍ଯ୍ୟାପ୍ତ ହେଉ ନାହିଁ। ଫଳରେ ଉତ୍ତେଜନା ସ୍ଥିତି ସୃଷ୍ଟି ହେଉଛି। ଏହି ବ୍ଲକ ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ସକାଳ ୯ଟାରୁ ଚାଷୀଙ୍କ ଭିଡ଼ ଲାଗିଥିଲା। ପର୍ଯ୍ୟାପ୍ତ ଫର୍ମ ନ ଥିବାରୁ ବହୁ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ସରକାର ଯୋଜନା କରୁଛନ୍ତି କିନ୍ତୁ ଆବଶ୍ୟକ ଫର୍ମ ଯୋଗାଇ ପାରୁ ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହେଉଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି।

## ରାଜ୍ୟ ବ୍ରାହ୍ମଣ ମହାସଭାର ବୈଠକ

ବନ୍ତ, ୬।୧ (ଡି.ଏନ.ଏ.)

ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ପଙ୍ଗୀରା ଶାସନସ୍ଥିତ ଶିବ ମନ୍ଦିରଠାରେ ରାଜ୍ୟ ବ୍ରାହ୍ମଣ ମହାସଭା ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବ୍ରାହ୍ମଣ ମହାସଭାର ସଂଯୋଜକ ପଣ୍ଡିତ ପୀତବାସ ପଣ୍ଡା ସଭାପତିତ୍ୱ କରିଥିଲେ। ଗୋବିନ୍ଦପୁର ପଞ୍ଚାୟତ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦେବତା, ନିରାକାର ମିଶ୍ର, ରମେଶ ମିଶ୍ର, ମହେଶ୍ୱର ମିଶ୍ର, ବୃନ୍ଦାବନ ପଣ୍ଡା, ରବୀନ୍ଦ୍ର କୁମାର ନନ୍ଦ, ଦେବୀପ୍ରସାଦ ମିଶ୍ର, ରମେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## 'ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛି ମହୋତ୍ସବ'

ଭଦ୍ରକ ଅଫିସ, ୬।୧


ଜିଲା ମହୋତ୍ସବରେ ଅତିଥିଙ୍କ ଗହଣରେ ଜଣେ ଯୁବତୀ ନୃତ୍ୟ ପରିବେଷଣ କରୁଛନ୍ତି।

୫ମ ବାର୍ଷିକ ଭଦ୍ରକ ଜିଲା ମହୋତ୍ସବ ସ୍ଥାନୀୟ ଗାନ୍ଧୀ ପଡ଼ିଆରେ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂସ୍କୃତି ସମ୍ପନ୍ନ ଭଦ୍ରକ ମାଟିରେ ବିଭିନ୍ନ ସମୟରେ ଆୟୋଜିତ ମହୋତ୍ସବ ଏହାକୁ ଉଜ୍ଜୀବିତ କରି ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ନାଟ୍ୟକାର ସୁଧାକର ନନ୍ଦ, ଭଦ୍ରକ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ଭଣ୍ଡାରିପୋଖରୀ ବିଡିଓ ବନମାଳୀ ତରାଇ ଯୋଗ ଦେଇଥିଲେ। ଦୁର୍ଗା ବିଶ୍ୱାଳ ମଞ୍ଚ ଆହ୍ୱାନ, ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ଏବଂ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କବି କରୁଣାକର ବେହୁରିଆ ଧନ୍ୟବାଦ ଦେଇଥିଲେ।

ରବିବାର ୨ୟ ସନ୍ଧ୍ୟା ଉତ୍ସବରେ ପଣ୍ଡିତ ଦୈତାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଯୋଗ ଦେଇଥିଲେ। ଯାତ୍ରା କଳାକାର ଦୈତାରୀ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭିନ୍ନ ନାଟକର ସଂଳାପରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଅନ୍ୟତମ ଅତିଥି ଭାବେ ଡ. ନରହରି ବେହେରା ଓ ଦୀନବନ୍ଧୁ ପତି ଯୋଗଦେଇ 'ଓଡ଼ିଶା ଇତିହାସକୁ ଭଦ୍ରକର ଦାନ' ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ପରିଚାଳନା କରିଥିଲେ ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଦୁର୍ଗାଶଙ୍କର ବିଶ୍ୱାଳ ଓ ସଙ୍ଗଠନ ସମ୍ପାଦକ ଚର୍ଚ୍ଚିକା ପ୍ରସାଦ ମହାପାତ୍ର। ସାଂସ୍କୃତିକ ସମ୍ପାଦିକା ରଶ୍ମିତା ଦାଶ ସଂଯୋଜନା କରିଥିଲେ। ଆବାହକ ସତ୍ୟଭୂଷଣ ସ୍ୱାମୀ, ରୁଦ୍ରମାଧବ ବାରିକ, କରୁଣାକର ବେହୁରିଆ, ଗଣେଶ ପ୍ରସାଦ ତ୍ରିପାଠୀ, ପ୍ରଗତିକା ଦାଶ, ପ୍ରଶାନ୍ତ ବଳ, ଦିଲୀପ ନାୟକ, ଅଶୋକ ମହନି ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

■ ଦିନିକିଆ ଫୁଟବଲ୍ ଟୁର୍ନାମେଣ୍ଟ

## ରୋଭର୍ସ କ୍ଳବ ଚାମ୍ପିୟନ

ଭଦ୍ରକ ଅଫିସ, ୬।୧

ଭଦ୍ରକ ପୁରୁଣାବଜାରସ୍ଥିତ ମହାବୀର ପଡ଼ିଆଠାରେ ରବିବାର ରୋଭର୍ସ କ୍ଳବ ତରଫରୁ ଦିନିକିଆ ପ୍ରକାଶ ଚନ୍ଦ୍ର ଦାସ ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ପଦ୍ମଶ୍ରୀ, ଆଦମପୁର, ନେହେରୁ ଇଲେଭେନ ଟାଇଗର, ଖାନ୍, ଗାନ୍ଧୀ ବାଳାଶ୍ରମ, ରୋଭର୍ସ ଓ କେ.ଜେ.ଏନ. କ୍ଳବ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ କେ.ଜେ.ଏନ୍. କ୍ଳବକୁ ହରାଇ ରୋଭର୍ସ କ୍ଳବ ଚାମ୍ପିୟନ ହୋଇ ଟ୍ରଫି ଗ୍ରହଣ କରିଥିଲା। ମୁଖ୍ୟଅତିଥି ଭାବେ ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ଦାସଙ୍କ ସହଧର୍ମିଣୀ ପଲ୍ଲିଶ୍ରୀ ଦାସ ଏବଂ ଅନ୍ୟତମ ଅତିଥି ଭାବେ ହରିପ୍ରସାଦ ନନ୍ଦୀ, ହାଜୀ ଅନୱର ହୋସେନ, ହାଜି କାସିମ ଖାନ, ସେକ୍ ଅହେସାନ, ମୁକ୍ତାର ଖାଁ ଏବଂ ମହମ୍ମଦ ଫାରୁକ ଯୋଗ ଦେଇଥିଲେ। ମିର୍ଜା ଇଜାଜ୍ ବେଗ୍, ସେକ୍ ସମ୍‌ଦାନୀ ଓ ରିଆଜ ଖାଁ ଖେଳ ପରିଚାଳନା କରିଥିଲେ। ମୁସ୍ତାକ ଗୌହର ଓ ମଇରାଜ ସାର ସଞ୍ଚାଳନା ଏବଂ ସଲିମ, ମୋତି ଓ ଫାରୁକ ଖାଁ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଖେଳାଳିମାନେ।

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୭ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ପାଟଣା, ୬ା୧(ସ୍ୱ.ପ୍ର.):** ପାଟଣା ଥାନା ସ୍ୱାମ ଖସାପିଟା ସାହିର ଜଣେ ଯୁବକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ଜଣଙ୍କ ହେଲେ ଗାମୀୟା ମୁଣ୍ଡାଙ୍କ ପୁଅ ଲାଲ୍ ସିଂ। ଶୋଇବା ଘର ଶେଣିରେ ଏକ ଗାମୁଛାରେ ତାଙ୍କ ମୃତଦେହ ଝୁଲୁଥିଲା। ତାଙ୍କ ସ୍ତ୍ରୀ ମୀନାଙ୍କ ସୂଚନା ଅନୁଯାୟୀ, ସ୍ତ୍ରୀ ସ୍ୱାମୀଙ୍କ ମଧରେ ସାମାନ୍ୟ ବଚସା ହୋଇଥିଲା। ରାତିରେ ସ୍ୱାମୀଙ୍କୁ ଖାଇବାକୁ ଦେଇ ଉକ୍ତ ଗାଁରେ ଥିବା ବାପାଘରକୁ ମୀନା ଚାଲି ।ଇଥିଲେ। ରବିବାର ସକାଳେ ଗାଁ ଲୋକଙ୍କଠାରୁ ଘଟଣା ସମ୍ପର୍କରେ ଖବର ପାଇ ସେ ଆସିଥିଲେ। ଏ ନେଇ ପୋଲିସ ଏଏସ୍ଆଇ ସୁଧାଂଶୁ ଶେଖର ଜେନା ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୧୮) ରୁଜୁ କରିଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ତାଲିମ ନେଲେ ୨୧୫ ଶିକ୍ଷୟିତ୍ରୀଶିକ୍ଷକ

**ଆନନ୍ଦପୁର, ୬ା୧(ସ୍ୱ.ପ୍ର.):** ଆନନ୍ଦପୁର ମଡେଲ ସ୍କୁଲରେ ବାଲ୍ ଜ୍ୟୋତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏବିଇଓ ଦୟାନିଧି ବ୍ରହ୍ମ, ଚତୁର୍ଭୁଜ ସେଠୀ, ପ୍ରଧାନ ଶିକ୍ଷକ ସୁଦାମ ଚରଣ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ତାଲିମ କାର୍ଯ୍ୟକ୍ରମରେ ୨୧୫ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ଫକୀରପୁରର ଆୟୁଷ ଡାକ୍ତର ମନ୍ମଥ ସାହୁ, କାମଦେବ ପରିଡ଼ା, ବିଆର୍‌ଟି ବିରଞ୍ଚି ନାରାୟଣ ରାଉତ ଏବଂ ପ୍ରଦୀପ ବଳ ପରିଚାଳନାରେ ସହାୟତା କରିଥିଲେ।

### ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ

**ହାଟଡ଼ିହୀ, ୬ା୧(ଡି.ଏନ.ଏ.):** ହାଟଡ଼ିହୀ ବ୍ଲକ ସଡ଼ଙ୍ଗ ଆଞ୍ଚଳିକ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରକୁ କଲେଜ ଅଧକ୍ଷ ସୁବ୍ରତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ୬୦ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ସାସ୍ୱତୀ ନାୟକ, ହିମାଷ୍ମୀ ସ୍ୱାଇଁ ଯୋଗ ଦେଇଥିଲେ। ସଂଯୋଜକ ରୂପେ ଆଲୋକ କୁମାର ବୋଇ ଓ ଅତୁଳ ଜେନା ଦାୟିତ୍ୱ ନିର୍ବାହ କରିଥିଲେ। ପୁଷ୍ପିତା ପହି ଓ ସ୍ୱାଗତିକା ମହାନ୍ତି ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ନାୟକ କହିଥିଲେ ଯେ, ସମାଜ ଗଠନରେ ଛାତ୍ରୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ।

### ହଦଗଡ଼ ଡ୍ୟାମ୍‌ର ବିକାଶ ଲୋଡ଼ା



**ହାଟଡିହୀ, ୬ା୧:** ହାଟଡିହୀ ବ୍ଲକ ହଦଗଡ଼ ଡ୍ୟାମ୍‌ର ବିକାଶ କରାଯାଉନି। କେନ୍ଦୁଝର ଜିଲାର ଏହା ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ବୁଲି ଆସିଥାନ୍ତି। ପ୍ରାକୃତିକ ମନୋରମ ଦୃଶ୍ୟ ସାଙ୍ଗକୁ ସାଲନ୍ଦି ନଦୀର ଡ୍ୟାମ୍‌ଟି ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ଡିସେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ପ୍ରତିଦିନ ବଣଭୋଜି ପାଇଁ ଲୋକଙ୍କ ଏଠାରେ ଭିଡ଼ ଜମେ। ଏହାର ସାମଗ୍ରିକ ବିକାଶ ହୋଇପାରୁନାହିଁ। ପର୍ଯ୍ୟଟନ ଋତୁରେ ନିୟୋଜିତ ହେଉନାହାନ୍ତି ଆବଶ୍ୟକ ସୁରକ୍ଷାକର୍ମୀ। ଡ୍ୟାମ୍ ପୋଲ ପାର୍ଶ୍ୱ ବାଡ଼ା ଦୁର୍ବଳ ହୋଇପଡିଛି। ସଫେଇ କରାଯାଉନି। କେତେଦିନ ତଳେ ଆଗରପଡ଼ା ଅଞ୍ଚଳର ଜଣେ ଲୋକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତ୍ୟୁର କାରଣ ରହସ୍ୟାବୃତ୍ତ ଥିଲା ବେଳେ ପର୍ଯ୍ୟଟନସ୍ଥଳର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ପିତଲୁଡି ରାସ୍ତାରେ ଫରେଷ୍ଟ ଗେଟ୍ ପଡ଼େ। ଉକ୍ତ ଗେଟ୍‌ରେ ପର୍ଯ୍ୟଟକଙ୍କଠାରୁ ପ୍ରବେଶ କର ଆଦାୟ କରାଯାଉଛି। ଆଦାୟ ଦେୟ ପର୍ଯ୍ୟଟନସ୍ଥଳର ଉନ୍ନତିରେ ଖର୍ଚ୍ଚ ହେଉନାହିଁ ବୋଲି ଅଭିଯୋଗ ହେଉଛି। ପର୍ଯ୍ୟଟନ ସ୍ଥଳଟି ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଫରେଷ୍ଟ ଗେଟ୍‌ରେ ପର୍ଯ୍ୟଟକଙ୍କୁ ମନଇଚ୍ଛା ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନ୍ୟାୟ ବଦଳରେ ମିଳିଲା ଧମକ

- ଅଙ୍ଗନୱାଡି କର୍ମୀ ନିଯୁକ୍ତି ନେଇ ବିବାଦ
- ଭୟରେ ଦିବ୍ୟାଙ୍ଗ ଯୁବତୀଙ୍କ ପରିବାର
- ସହଯୋଗର ହାତ ବଢ଼ାଇଲା ଭିନ୍ନ ସକ୍ଷମ ସାଥୀ ସଂଗଠନ

**ତେଲକୋଇ, ୬ା୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳୟର ଭୂୟାଁ ସାହି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତି ନେଇ ବିବାଦ ଦେଖାଦେଇଛି। ଜଣେ ପ୍ରତିଭା ସମ୍ପନ୍ନ ସ୍ନାତକ ଡିଗ୍ରୀଧାରୀ ଦିବ୍ୟାଙ୍ଗଙ୍କୁ ଚୟନରୁ ବାଦ ଦେଇ ଜଣେ ରୋଷେୟାକୁ ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଶନିବାର ଭିନ୍ନକ୍ଷମ ଜଣଙ୍କ ନିଜ ଦାବି ପୂରଣ ପାଇଁ ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଧାରଣରେ ବସିଲେ। ଖବର ପାଇ ଶିଶୁ ପ୍ରକଳ୍ପ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଭିନ୍ନକ୍ଷମଙ୍କୁ ନ୍ୟାୟ ଦେବା ବଦଳରେ ବିଭିନ୍ନ ଧମକ ଦେବା ସହ ଥାନାରେ ଅଭିଯୋଗ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ପୃକ୍ତ ଦିବ୍ୟାଙ୍ଗ ପରିବାର ସଦସ୍ୟ ଭୟରେ ରହିଥିବା କହିଛନ୍ତି।

ଅନ୍ୟପଟେ ଜିଲା ଭିନ୍ନସକ୍ଷମ ସାଥି ଭରସା ସଂଗଠନର କର୍ତ୍ତୃପକ୍ଷ ରବିବାର ତେଲକୋଇ ଆସିଥିଲେ। ଘଟଣା ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ କରିଛନ୍ତି। ଦିବ୍ୟାଙ୍ଗ ଯୁବତୀଙ୍କୁ ନ୍ୟାୟ ଦେବା ସହ ତଦନ୍ତ କରିବାକୁ ଦାବି କରିଛନ୍ତି। ଆଗାମୀ ଦିନରେ ଶିଶୁ ପ୍ରକଳ୍ପ ବିଭାଗ ଅଫିସରେ ଧାରଣା ଦେବା ପାଇଁ ନିଷ୍ପତ୍ତି ହୋଇଛି। ଜିଲା ଭିନ୍ନସକ୍ଷମ ସାଥି ଭରସାର ଉପସଭାପତି ସାଗର କୁମାର ସାହୁ, ସାଧାରଣ ସମ୍ପାଦକ ଅଭୟ ଜେନା, ଅଞ୍ଜଳି ବାରିକ ସମେତ ସଂଗଠନର କର୍ମକର୍ତ୍ତା ଦିବ୍ୟାଙ୍ଗ ଯୁବତୀଙ୍କ ଘରକୁ ଆସିଥିଲେ। ସାଧାରଣ ସମ୍ପାଦକ ଅଭୟଙ୍କୁ ପଚାରିବାରୁ ସିଡିପିଓଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରୁଛୁ। ଏହାର ତଦନ୍ତ କାରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛୁ ବୋଲି ସେ କହିଛନ୍ତି। ପ୍ରିୟାପ୍ରିତି ସୋଷଣ କରି ନକଲି ମେଟ୍ରିକ ସାର୍ଟିଫିକେଟ ରଖି ଜଣେ ରୋଷେୟାକୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି।



ଭିନ୍ନକ୍ଷମ ଯୁବତୀଙ୍କ ଗହଣରେ ସଂଗଠନର କର୍ମକର୍ତ୍ତା।

# ରାଜନୀତି ଚର୍ଚ୍ଚା
# ଖୋଜା ଚାଲିଛି ନୂଆ ସଭାପତି

**କେନ୍ଦୁଝର, ୬ା୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ଦାୟିତ୍ୱ ଅବଧି ଶେଷ ହେବାକୁ ଯାଉଛି। ଏ ନେଇ ନୂଆ ଜିଲା ବିଜେଡି ସଭାପତି ଖୋଜା ଚାଲିଥିବା ଚର୍ଚ୍ଚା ହେଉଛି। ଜିଲାରେ ବିଜେଡି ଦଳର ନେତା ଓ କର୍ମୀଙ୍କ ମଧରେ ଉତ୍ସୁକତା ବୃଦ୍ଧି ପାଇଛି। ନିର୍ବାଚନକୁ ଆଉ କେତେ ମାସ ରହିଛି। ରାଜ୍ୟ ସଂଗଠନ ନୂତନ ଜିଲା ସଭାପତି ନିଯୁକ୍ତିକୁ ଗୁରୁତ୍ୱ ଦେଉଛି। ଦଳର ରାଜ୍ୟ ସଭାପତି ଜିଲାର ଜଣେ ମନ୍ତ୍ରୀଙ୍କଠାରୁ ପ୍ରସ୍ତାବ ମାଗିଥିବା ଆଲୋଚନା ହେଉଛି। କେତେ ବର୍ଷ ହେଲା ଜିଲା ସଂଗଠନର ପୁରୁଣା ନେତା ଓ କର୍ମୀଙ୍କୁ ଅଣଦେଖା କରାଯାଇଛି। ଦଳକୁ ସୁଦୃଢ଼ କରିବା ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ଲାଗି ରହିଛି। ଜିଲା ସଭାପତିଙ୍କ ଉପରେ ସେମାନଙ୍କ ଅସନ୍ତୋଷ ରାଜ୍ୟ ସଂଗଠନକୁ ଜଣାଇଥିବା ଚର୍ଚ୍ଚା ଜୋର୍ ଧରିଛି। ନୂତନ ଜିଲା ସଭାପତି କିଏ ହେବ, ସେନେଇ ନାନା କଳ୍ପନାଜଳ୍ପନା ଲାଗି ରହିଛି। ଜିଲାସ୍ତରରେ ସଂଗଠନରେ ନ ଥିବା ଓ ବିବାଦୀୟ ଲୋକଙ୍କୁ ଦାୟିତ୍ୱ ଦିଆଗଲେ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ବୃଦ୍ଧି ପାଇବ ବୋଲି ଆଲୋଚନା ହେଉଛି। ଜିଲା ସଂଗଠନ ବିଜେଡି ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତିକୁ ନେଇ ଠିଆ ହୋଇଛି। ଏପରି କି ଜିଲା ସଭାପତି ଦାୟିତ୍ୱ ଜଣେ ଦକ୍ଷ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ଦିଆ ନ ଗଲେ ଦଳର ସ୍ଥିତି ଭୁଶୁଡିପଡିବ ବୋଲି କେତେକ ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି।

ଜିଲାରେ ସଭାପତି ଚୟନ ନିଷ୍ପତ୍ତି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜିଲା ସଂଗଠନର ନେତୃତ୍ୱ ପାଇଁ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ତଥା ବିଜୁ କୃଷକ ଜନତା ଦଳର ରାଜ୍ୟ ଉପସଭାପତି କାନନ ବିହାରୀ ପହି, ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର, ଜିଲା ଯୋଜନା କମିଟି ଅଧକ୍ଷ ତଥା ପାଟଣା ବିଧାୟକ ହୃଷୀକେଶ ନାଏକ, ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ଯୁବ ବିଜେଡି ଜିଲା ସଭାପତି ସୌମ୍ୟଶଙ୍କର ଚକ୍ର ଓ ଅନ୍ୟ କେତେକ ନେତାଙ୍କ ନାମ ଚର୍ଚ୍ଚାକୁ ଆସୁଛି। ସେମାନଙ୍କ ନାମ ରାଜ୍ୟ ସଂଗଠନକୁ ଦିଆଯାଇ ନ ଥିବା ଚର୍ଚ୍ଚା ହେଉଛି। ଏ ନେଇ ଦଳ ମଧରେ ଅସନ୍ତୋଷ ଦାନା ବାନ୍ଧୁଛି। ଏକାଧିକ ପୋଲିସ ମାମଲା ଥିବା ବ୍ୟକ୍ତିଙ୍କୁ ସଂଗଠନ ଦାୟିତ୍ୱ ଦେବା ପାଇଁ ସେମାନଙ୍କ ନାମ ରାଜ୍ୟ ସଭାପତିଙ୍କୁ ଦିଆଯାଇଥିବା କେତେକ କର୍ମୀ କହୁଛନ୍ତି। ଏହାକୁ ଦଳର ପୁରୁଖା ଏବଂ ବରିଷ୍ଠ ନେତା ସହଜରେ ଗ୍ରହଣ କରୁନାହାନ୍ତି।

# ୭ରୁ ଜିଲାରେ ଗଡ଼ିବ ସଚେତନତା ରଥ

**ସ୍ୱଚ୍ଛ, ମୁକ୍ତ ମତଦାନକୁ ଗୁରୁତ୍ୱ**

**କେନ୍ଦୁଝର, ୬ା୧(ସ୍ୱ.ପ୍ର)**

ଆଗାମୀ ସାଧାରଣ ନିର୍ବାଚନରେ ସ୍ୱଚ୍ଛ, ମୁକ୍ତ ଓ ଅବାଧ ମତଦାନ ପାଇଁ ଇଭିଏମ୍-ଭିଭିପାଟ୍ ମେଶିନ୍ ବ୍ୟବହାର କରାଯାଉଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜାନୁୟାରୀ ୭ରୁ କେନ୍ଦୁଝର ଜିଲାରେ 'ଇଭିଏମ୍-ଭିଭିପାଟ୍' ସଚେତନତା ଅଭିଯାନର ଶୁଭାରମ୍ଭ ହେବ ସହ ସଚେତନତା ରଥ ଜିଲା ପରିକ୍ରମା କରିବ। ଏ ନେଇ ଜିଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟସ୍ଥ ମିନି କନଫରେନସ୍ ହଲ୍‌ଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଭୋଟରଙ୍କୁ 'ଇଭିଏମ୍-ଭିଭିପାଟ୍' ମେଶିନ୍ ଦ୍ୱାରା କିପରି ମୁକ୍ତ ଓ ଅବାଧ ଭାବେ ମତଦାନ କରାଯିବ ସେ ସମ୍ପର୍କରେ ଅଭ୍ୟସ୍ତ କରାଇବା ଉଦ୍ଦେଶ୍ୟରେ ସଚେତନତା ଅଭିଯାନ ଆରମ୍ଭ କରାଯାଉଛି। ସୋମବାର ଉପଜିଲାପାଳ ଚମ୍ପୁଆ ଓ ଉପଜିଲାପାଳ ଆନନ୍ଦପୁରଙ୍କ ଦ୍ୱାରା ସମ୍ପୃକ୍ତ ଉପଖଣ୍ଡରେ ଉକ୍ତ ଅଭିଯାନର ଶୁଭାରମ୍ଭ ହେବ ବୋଲି ଜଣାଯାଇଛି। ଜିଲାର ପ୍ରତି ଉପଖଣ୍ଡ ପାଇଁ ଦୁଇଟି ଲେଖାଏଁ ସର୍ବମୋଟ୍ ୬ଟି ସଚେତନତା ରଥ ଗାଁରେ ବୁଲିବ। ୩୯ ଜଣ ତାଲିମ୍ ପ୍ରାପ୍ତ ଅଧିକାରୀ / କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ 'ଇଭିଏମ୍-ଭିଭିପାଟ୍' ସଚେତନତା ଅଭିଯାନର ବିଭିନ୍ନ ଦିଗ ଉପରେ ଗଣମାଧମର ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ସମ୍ମିଳନୀରେ କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ଡେପୁଟି କଲେକ୍ଟର ନିର୍ବାଚନ ରାମଚନ୍ଦ୍ର କିସ୍କୁ, ଆସିଷ୍ଟାଣ୍ଟ କଲେକ୍ଟର କିରଣ କୁମାର ନାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକଙ୍କ ସମେତ ବିଭିନ୍ନ ଗଣମାଧମର ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ୧୯୮୯ ବ୍ୟାଚ୍‌ର ବନ୍ଧୁମିଳନ

**ଚମ୍ପୁଆ, ୬ା୧(ଡି.ଏନ.ଏ.)**

ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ୧୯୮୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଏନଏସି ବୈତରଣୀ ନଦୀତଟ ରାମତୀର୍ଥରେ ଚତୁର୍ଥ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ, ମ୍ୟାଜିକ ଚେୟାର, କ୍ରୀଡ଼ା କୌତୁକ, ସଙ୍ଗୀତ ଆଦି ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ଛାତ୍ର ସଭାପତି ହରେକୃଷ୍ଣ ନାଏକ, ସମ୍ପାଦକ ପ୍ରେମଚାନ୍ଦ ପୋଦ୍ଦାର, କୋଷାଧକ୍ଷ ଅକ୍ଷୟ ପରିଡା, ରମେଶ ବେହେରା, ସଭ୍ୟ ସଦସ୍ୟ ଶିବ ରାଜ, ମହେଶ୍ୱର ଦାସ, ବିପ୍ଳବ ଗିରି, ଲୋମ୍ବଦର ପ୍ରଧାନ, ପବିତ୍ର ନାୟକ, ଅକ୍ଷୟ ପରିଡ଼ା ପ୍ରମୁଖ ୫୦ରୁ ଊର୍ଦ୍ଧ ବନ୍ଧୁ, ଦମ୍ପତି ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜବରଦଖଲକାରୀଙ୍କ ଦାଦାଗିରି

**ପୋତା ଯାଇଥିବା ସିମେଣ୍ଟ ଖୁଣ୍ଟ ଉପାଡ଼ିଦେଲେ**



ଭଙ୍ଗାଯାଇଥିବା ସିମେଣ୍ଟ ଖୁଣ୍ଟ।

**ଝୁମ୍ପୁରା, ୬ା୧(ଡି.ଏନ.ଏ.)**

ଝୁମ୍ପୁରା ସମେତ ୬ ରାଜସ୍ୱ ସର୍କଲରେ ବହୁ ମୂଲ୍ୟବାନ ସରକାରୀ ଜମି ଜବରଦଖଲକାରୀଙ୍କ କବଳରେ ରହିଛି। ଗୋଦାଣ୍ଡି, ଗୋଚର, ଶ୍ମଶାନ ଜାଗା ଜବରଦଖଲକାରୀଙ୍କ କବଳରୁ ବି ବାଦ୍ ପଡ଼ିନି। ଏ ନେଇ ଅଭିଯୋଗ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସରକାରୀ ଜମି ସଂରକ୍ଷିତ ରଖିବାକୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଝୁମ୍ପୁରା ଥାନା ପଛ ପାଖ ଜାତୀୟ ରାଜପଥ (ନଂ.୨୦)ର ଦୁଇ ପାର୍ଶ୍ୱରେ ଥିବା ସରକାରୀ ଜମି ସଂରକ୍ଷିତ କରିବାକୁ ପ୍ରଶାସନ ଯିବା ବେଳେ କେତେଜଣ ଜବରଦଖଲକାରୀ ବିରୋଧ କରିଛନ୍ତି। ଏ ନେଇ ବିବାଦ ଦେଖାଦେଇଛି।

ଉକ୍ତ ସରକାରୀ ଜମିକୁ ଚିହ୍ନଟ କରି ମାପଚୁପ ପ୍ରକ୍ରିୟା ଶେଷ ହୋଇଛି। ସିମେଣ୍ଟ ଖୁଣ୍ଟ ପୋତାଯାଇ ତାରବାଡ଼ ଘେରା ଯାଇଥିଲା। ଏହାକୁ କେତେଜଣ ବ୍ୟକ୍ତି ବିରୋଧ କରୁଥିଲେ। ପୋତାଯାଇଥିବା ଖୁଣ୍ଟଗୁଡିକ ଉପୁଡା ଯାଇ ଫିଙ୍ଗି ଦିଆଯାଇଛି। ପୋତାଯିବା ପାଇଁ ଆସିଥିବା ସିମେଣ୍ଟ ଖୁଣ୍ଟଗୁଡିକୁ ମଧ କେତେକ ଲୋକ ଭାଙ୍ଗି ଦେଇଛନ୍ତି। କାର୍ଯ୍ୟାଦେଶ ପାଇଥିବା ଠିକାଦାର ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ତହସିଲଦାର ଜନକ ନାୟକଙ୍କୁ ପଚାରିବାରୁ ସରକାରୀ ଜାଗା ସଂରକ୍ଷଣକୁ ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କୁ ଛଡାଯିବ ନାହିଁ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଜମୁଛି ଯୋଡ଼ା ମହୋତ୍ସବ

**ଦ୍ୱିତୀୟ ସନ୍ଧ୍ୟା**
- କଳାକାରଙ୍କ ନୃତ୍ୟଗୀତ ପରିବେଷଣ
- କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର

**ଯୋଡ଼ା, ୬ା୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସ୍ଥାନୀୟ ସହରରେ ପାଳିତ ହେଉଥିବା ଯୋଡ଼ା ମହୋତ୍ସବ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳକୁଦ ପ୍ରତିଯୋଗିତାରେ ମହୋତ୍ସବ ଜମୁଛି। ଚିତ୍ରାଙ୍କନ ପ୍ରତିଯୋଗିତା, ଫେନ୍ସି ଡ୍ରେସ, ପାଳିତ କୁକୁର ପ୍ରଦର୍ଶନୀ, ମହିଳାଙ୍କ ପାଇଁ ମ୍ୟୁଜିକାଲ ଚେୟାର୍, ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟା ୬ଟାରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ କମ୍ପାନୀର ଭାଇସ ପ୍ରେସିଡେଣ୍ଟ ଅରୁଣ ମିଶ୍ର, ସମ୍ମାନିତ ଅତିଥି ଟାଟା ସ୍ୱର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଡି.ପି. ଦେଶ ପାଣ୍ଡେ, ପୂର୍ବତନ ଏମ୍‌ପି ଯଶବନ୍ତ ନାରାୟଣ ସିଂ ଲାଗୁରୀ, ଇଷ୍ଟର୍ନ ଜୋନ୍ ମାଇନ ଓନର ଆସୋସିଏଶନର ସେକ୍ରେଟେରୀ ପ୍ରବୋଧ ମହାନ୍ତି, ଚମ୍ପୁଆ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ, ଟାଟା କମ୍ପାନୀର ମୁଖ୍ୟ ପ୍ରବନ୍ଧକ ମନୀଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ରାଜ୍ୟସ୍ତରୀୟ କ୍ରୀଡ଼ାରେ ସଫଳ ହୋଇଥିବା ଯୋଡ଼ାର ବହୁ କ୍ରୀଡ଼ା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ପାଳିତ କୁକୁର ପ୍ରଦର୍ଶନୀ ପ୍ରତିଯୋଗିତାରେ ଶ୍ରୁତିକ ପଟ୍ଟନାୟକଙ୍କ ଜର୍ମାନ ସେଫର, ମନୋରଂଜନ ନାୟକଙ୍କ ଗ୍ରେଡର ଓ ସମୀର ଦାସଙ୍କ ସ୍ମଲ ବ୍ରିଡ୍ ପୋଗୋକୁ ମନୋନୀତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବରେ ଖାଦ୍ୟ ଷ୍ଟଲ ଓ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ସାମଗ୍ରୀର ଷ୍ଟଲ ଖୋଲାଯାଇଛି। ଷ୍ଟଲରେ ଦର୍ଶକଙ୍କ ଭିଡ଼ ଜମୁଛି। ମହୋତ୍ସବର ପ୍ରଥମ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୁରୀରୁ ଆସିଥିବା ନବପ୍ରତିଭାର କଳାକାର ବାର ମାସେ ତେର ଜାତ ଓ ନୁପୁରୁର କଳାକାର ନୃତ୍ୟ ପରିବେଶଣ କରିଥିଲେ। ପରେ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା।



କୃତୀ କଳାକାରଙ୍କୁ ପୁରସ୍କୃତ କରାଯାଉଛି।

### ସମ୍ମାନିତ ହେଲେ ବରିଷ୍ଠ ସଦସ୍ୟ

**ପାଟଣା, ୬ା୧(ସ୍ୱ.ପ୍ର.)**

ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ଶିବମନ୍ଦିର ପରିସରରେ ରବିବାର ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ତରଫରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବର୍ଷୀୟାନ କବି ଭିକାରି ଚରଣ ନାଏକଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ପୂର୍ବତନ ଅଧକ୍ଷ ତଥା ସାମାଜିକ କର୍ମୀ ବିଦ୍ୟାଧର ଦାଶ, ସମ୍ମାନିତ ଅତିଥି ସାମାଜିକ କାର୍ମୀ ଅଜୟ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଉପନୀତ ହୋଇଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭିକାରି ଚରଣ, କୀର୍ତ୍ତନ ବିହାରୀ ଦାଶ, ଅକ୍ରୁର ନାଏକ, କୀର୍ତ୍ତନ ବିହାରୀ ସେଠୀ, ବନମାଳୀ ମହାନ୍ତ ଓ ହରେକୃଷ୍ଣ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କାରାଯାଇଥିଲା। ସଂଗଠନର ସମ୍ପାଦକ ସନାତନ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅରୁଣ ମିଶ୍ର ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କବି ଅନ୍ନପୂର୍ଣ୍ଣା ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପାଟଣା ବ୍ଲକର ବହୁସଂଖ୍ୟକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

### ପ୍ରତିଭା ଦେଖାଇଲେ ଶିଶୁ

**ବଡ଼ବିଲ, ୬ା୧(ସ୍ୱ.ପ୍ର.)**

ବଡ଼ବିଲ ପ୍ରେସ କ୍ଲବ ତରଫରୁ ରବିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନରେ କ୍ଲବ ସଦସ୍ୟଙ୍କ ପରିବାର ଏକାଠି ହୋଇଥିଲେ। ଶିଶୁଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ ହୋଇଥିଲା। ସେମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବନ୍ଧୁମିଳନ ମାଧମରେ ପିଲାଙ୍କ ପ୍ରତିଭା ଜାଣିବାକୁ ଉଦ୍ୟମ କରାଯାଇଥିବା କ୍ଲବ ସଭାପତି ସୁବୋଧ ଦାସ ସୂଚନା ଦେଇଛନ୍ତି। ଉଷଶୀପ୍ରିୟା, ପ୍ରିୟଙ୍କା, ସାସ୍ୱତୀ, ପ୍ରିୟଲ, ମାମୁନୀ, ପ୍ରିୟଙ୍କା ତୁଷାର, ଅନିମେଶ, ଅନିକେତ, ରିତେଶ ରୋଶନ, ରାହୁଲ ରଞ୍ଜନ, ଦିବ୍ୟସ୍ୱରୂପ, ସାଇସ୍ୱରୂପ, ସାର୍ଥକ, ଓମପ୍ରକାଶ, ଲିଙ୍କନ ଓ ଚିନ୍ମୟ ଓ ଦେବାଶିଷ ପ୍ରମୁଖ ଶିଶୁ ପ୍ରତିଭା ପ୍ରଦର୍ଶନ କରିଥିଲେ।

# ଘୋଷ ଦଳର ସହର ପରିକ୍ରମା

**ଚମ୍ପୁଆ, ୬ା୧(ଡି.ଏନ.ଏ.)**

କେନ୍ଦୁଝର ଜିଲାର ୧୩ ଶିଶୁ ମନ୍ଦିରର ଘୋଷ ସଞ୍ଚାଳନ ଦଳ ରବିବାର ସହର ପରିକ୍ରମା କରିଛି। ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଘୋଷ ସଞ୍ଚଳନ ଅନୁଷ୍ଠିତ ହୋଇଥିଲା। ଘୋଷ ଦଳ ଗୁଡିକ ୩ ଭାଗରେ ବିଭକ୍ତ ହୋଇଥିଲେ। ଚମ୍ପୁଆ ସହର ପରିକ୍ରମା କରିଥିଲେ। ବାଦ୍ୟର ତାଳେତାଳେ ଘୋଷ ଗୁଡିକ ପାରାକାଷ୍ଠା ଦେଖାଇଥିଲେ। ୨୭୦ ଛାତ୍ରୀଛାତ୍ର ଓ ୧୫ ଘୋଷ ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉତ୍ସବରେ କେନ୍ଦୁଝର ବିଭାଗ ନିରୀକ୍ଷକ ଶ୍ରୀନିବାସ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଗଙ୍ଗାଧର କର, ସହସମ୍ପାଦକ ଅଜିତ ରାମ, ସଦସ୍ୟା ପ୍ରଭାସିନୀ ନାଏକ, ବିଭାଗ ଘୋଷ ପ୍ରମୁଖ ନଳିନୀକାନ୍ତ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭାଗ ନିରୀକ୍ଷକ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ କର ଶାରୀରିକ ଶିକ୍ଷାରେ ଘୋଷର ଉପାଦେୟତା ସମ୍ପର୍କରେ ଅବଗତ କରିଥିଲେ। ପ୍ରଧାନାଚାର୍ଯ୍ୟ ଦାସ ବର୍ଗର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ବିଚାରକ ଭାବେ କେନ୍ଦୁଝର ଜିଲା ବନବାସୀ କଲ୍ୟାଣ ଆଶ୍ରମର ଜିଲା ସମ୍ପାଦକ ଘନଶ୍ୟାମ ମହାନ୍ତ ଓ ଜିଲା ସଂଘ ସମିତି ସଦସ୍ୟ ଦୁଷ୍ମନ୍ତ ମହାନ୍ତ ଯୋଗଦେଇଥିଲେ। ବାଦ୍ୟ ସାଜସଜାରେ ଯୋଡ଼ା ପ୍ରଥମ, କେନ୍ଦୁଝରଗଡ ଦ୍ୱିତୀୟ ଓ ଚମ୍ପୁଆ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଘୋଷ ପ୍ରଦର୍ଶନରେ ଚମ୍ପୁଆ ପ୍ରଥମ, ଯୋଡ଼ା ଦ୍ୱିତୀୟ ଓ ଝୁମ୍ପୁରା ତୃତୀୟ ସ୍ଥାନ ଅଧିକାର କରିଛି। ଘୋଷ ପ୍ରମୁଖ ବସନ୍ତ ମହାନ୍ତ ଓ ସହ ପ୍ରଧାନ ଆଚାର୍ଯ୍ୟ ବ୍ରଜ କିଶୋର ମହାନ୍ତ, ଉମେଶ ଚନ୍ଦ୍ର ମହାନ୍ତ, ବିନୋଦ ମହାନ୍ତଙ୍କ ନିର୍ଦ୍ଦେଶନାରେ ରାମଲା, ଚମ୍ପୁଆ ପୁରୁଣା ଶିଶୁ ମନ୍ଦିର ଛକ ଏବଂ ପାଞ୍ଚପୋଖରିଆ ଛକରୁ ଘୋଷ ସଞ୍ଚଳନ ଆରମ୍ଭ ହୋଇଥିଲା। ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ବିଭାଗ ନିରୀକ୍ଷକ ଶ୍ରୀନିବାସ ପ୍ରଧାନ, ଘନଶ୍ୟାମ ମହାନ୍ତ ଓ ସମ୍ପାଦକ ଗଙ୍ଗାଧର କର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ତୃତୀୟ ଦିନରେ ଆନନ୍ଦପୁର ମହୋତ୍ସବ
# ମନ ମୋହିଲା ପାଲା ପରିବେଷଣ

- ଝୁମର ନାଚରେ ଝୁମିଲେ ଦର୍ଶକ
- ଶୀତ ସତ୍ତ୍ୱେ ଲୋକଙ୍କ ଭିଡ଼

**ଆନନ୍ଦପୁର, ୬ା୧(ସ୍ୱ.ପ୍ର.)**

ଆନନ୍ଦପୁର ମହୋତ୍ସବ ରବିବାର ତୃତୀୟ ଦିବସରେ ପହଞ୍ଚିଛି। ସ୍ଥାନୀୟ କଳାକାର ଉର୍ବଶୀ ଦାସଙ୍କ ପାଲା ମନ ମୋହିଛି। ଏଥିସହ ସୁରେନ୍ଦ୍ର ନାଥଙ୍କ କେନ୍ଦରା ବାଦନ ସାଙ୍ଗକୁ ଆନନ୍ଦପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଧାତ୍ମିକ ଚେତନାର ବାର୍ତ୍ତା, ଦେଓଗାଁ କୁଶଳେଶ୍ୱର କଳାବିକାଶ କେନ୍ଦ୍ରର ନୃତ୍ୟଶିଳ୍ପୀଙ୍କ ଚିତ୍ତାକର୍ଷକ ନୃତ୍ୟ, ଘସିପୁରା କ୍ରିଷ୍ଣା କଳାନିକେତନ ଓ ବାରିପଦାର ଝୁମର ନୃତ୍ୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଶୀତର ପ୍ରକୋପ ଲାଗିରହିଥିଲେ ହେଁ ଦର୍ଶକଙ୍କ ଅହେତୁକ ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରାହ୍ନ ୩ଟାରୁ ୫ଟା ୩୦ ପର୍ଯ୍ୟନ୍ତ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୃଷିଭିତ୍ତିକ ଷ୍ଟଲ୍, ଚାଟ୍, ଫାଷ୍ଟଫୁଡ୍, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଷ୍ଟଲ୍, ବୁକ୍ ଷ୍ଟଲ୍, ଦୋଳି, ମୀନାବଜାର, ଆନନ୍ଦପୁର ତାଲୁକ ଆଇନସେବା ସମିତି, ସତ୍ୟସାଇ ସେବାସମିତି, ପ୍ରଜାପିତା ବ୍ରହ୍ମାକୁମାରୀ ପ୍ରଭୃତି ବିଭିନ୍ନ କିସମର ଷ୍ଟଲ୍ ବେଶ୍ ଆକର୍ଷଣୀୟ ହୋଇପାରିଛି।



ମହୋତ୍ସବରେ ପାଲା ପରିବେଷଣ କରାଯାଉଛି।

ଆନନ୍ଦପୁର ମହୋତ୍ସବ କମିଟି ଅଧକ୍ଷ ତଥା ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋତ୍ସବର ତୃତୀୟ ଦିବସରେ ଲୋକଙ୍କ ଭିଡ଼ ହୋଇଥିଲା।

ଆଇନଶୃଙ୍ଖଳା ଦୃଷ୍ଟିରୁ ମେଳା ଭିତରକୁ ବାଇକ୍ ଏବଂ ଅନ୍ୟ ଯାନବାହନ ପ୍ରବେଶକୁ ନିଷିଦ୍ଧ କରାଯାଇଛି। ପୋଲିସ ଫୋର୍ସ ସହାୟତାରେ ଗେଟ୍ ସମ୍ମୁଖରେ ଯାନବାହନ ପ୍ରବେଶକୁ ନିଷିଦ୍ଧ କରାଯାଇଛି। କମିଟି ପକ୍ଷରୁ ଅଧକ୍ଷ ପ୍ରଦୀପ ମହାନ୍ତି, ଅଧାପକ ଡ. ଦିଲୀପ ଦାଶ, ଆଇନଜୀବୀ ତଥା ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ମୁନା ସିଂହ, ପ୍ରଦୀପ ହଜାରୀ, ସରୋଜ ପରିଡ଼ା, ଜିତୁ ଦାଶ, ଗୋପାଳ ରାଉତ, ସନ୍ତୋଷ ରାଉତ, ଜ୍ୟୋତି ରଞ୍ଜନ ଜେନା, ଦିଲୀପ ମିଶ୍ର ପ୍ରମୁଖଙ୍କ ସହ କମିଟି ସଦସ୍ୟ ପରିଚାଳନାରେ ସହାୟତା କରୁଛନ୍ତି। ଆନନ୍ଦପୁର ଥାନା ଅଧିକାରୀ ସୁଦର୍ଶନ ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ■ ସର୍ବଭାରତୀୟ ମା' ବାସୁଲି କପ କ୍ରିକେଟ ଆରମ୍ଭ

# ବ୍ରହ୍ମପୁର ଇଲେଭେନ ବିଜୟୀ

ହାଟଡିହୀ, ୬।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆଞ୍ଚଳିକ ଯୁବ ପରିଷଦ ତରଫରୁ ସର୍ବଭାରତୀୟ ମା' ବାସୁଲି କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟରୁ ୮ ଦଳ ଅଂଶ ଗ୍ରହଣ କରିଛି। ରାଜ୍ୟ ସମବାୟ ସମିତି ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ଖେଳ ଇଷ୍ଟକୋଷ୍ଟ ରେଲୱେ (ଓଡ଼ିଶା) ଏବଂ ବ୍ରହ୍ମପୁର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଇଲେଭେନ ଟସ୍ ଜିତି ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଇଷ୍ଟକୋଷ୍ଟ ରେଲୱେ ୨୫ ଓଭରରେ ୭ ଉଇକେଟ୍ ହରାଇ ୧୭୦ ରନ୍ ସଂଗ୍ରହ କରିଥିଲା।



ଟୁର୍ନାମେଣ୍ଟରେ ଯୋଗ ଦେଇଥିବା ଅତିଥି।

ବ୍ରହ୍ମପୁର ଇଲେଭେନ୍ ୨୨.୪ ଓଭରରେ ୨ ଉଇକେଟ୍ ହରାଇ ୧୭୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।

ଉଦ୍‌ଘାଟନୀରେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ବ୍ଲକ ଅଧ୍ୟକ୍ଷା ସଞ୍ଜୁଲତା ବିଶ୍ୱାଳ, ହାଟଡିହୀ ସରପଞ୍ଚ ଅନୁସୂୟା ସେଠୀ, ପରିଷଦର ଉପଦେଷ୍ଟା ମନୋଜ ପାତ୍ର ଯୋଗ ଦେଇଥିଲେ। ଅମ୍ପାୟର୍ ଭାବେ ସାନ୍ତନୁ ରାଉତ ଓ ପଦ୍ମନାଭ ସାମଲ ରହିଥିଲେ। ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା, ଭାଷ୍ୟକାର ଭାବେ ସୁଧାଂଶୁ ଶେଖର ମହାନ୍ତି, ସୁକାନ୍ତ ବେହେରା, ଗଣେଶ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସଭାପତି ଚିନ୍ମୟ ନାୟକ ଓ ସମ୍ପାଦକ ଚିତ୍ତରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଖେଳ ପରିଚାଳନା ହୋଇଥିଲା। ସମାଜସେବୀ କଳ୍ପତରୁ ସେଠୀ, ବିଜୟ ମଲ୍ଲିକ, ବିପିନ ଜେନା, ରଙ୍ଗନାଥ ବାରିକ, ଲଲାଟେନ୍ଦୁ ଜେନେ, ଓମପ୍ରକାଶ ନାୟକ, ଗୁଲୁ ପାଢୀ, ସନାତନ ବାରିକ, ଆଶିଷ ଦ୍ୱିବେଦୀ, ରାକେଶ କୁଅଁର, ସଞ୍ଜୀବ ଜେନା, ଜିତନ ଧଳ, ରୁପକ ଜେନା, କାଳନ୍ଦୀ ନାୟକ, ଅଜୟ ବାରିକ, ମହିମା ବାରିକ ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।

## ବଟି ମାଗି ୨ ଗିରଫ

ରାଇସୁଆଁ,୬।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଏକ ଖଣିରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ୫ ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ରବିବାର ୨ଜଣଙ୍କୁ ପୋଲସ ଗିରଫ କରିଛି। ସେମାନେ ହେଲେ ଆଲୋକ ପଟ୍ଟନାୟକ ଓ ଗୁଡୁ। ସଦର ଅଞ୍ଚଳରେ ଥିବା ଓଏମ୍‌ସି ଖଣିରେ ୫ ତାରିଖରେ କେତେକ ଲୋକ ପ୍ରବେଶ କରି ଖଣି କାମ ବନ୍ଦ କରିଥିଲେ। ଏନେଇ ଓଏମ୍‌ସି ପକ୍ଷରୁ ଥାନାରେ ଦଅଁଳାର ଜଗଦିଶ ଦେହୁରି, ଶୁଆକାଠିର ଆଲୋକ ପଟ୍ଟନାୟକ, ଭୁବନେଶ୍ୱରର କୁନା ପଟ୍ଟନାୟକ, ଲୁଣଘରର ଦାଶରଥୀ ନାଏକଙ୍କ ନାମରେ ଅଭିଯୋଗ ହୋଇଥିଲା। ଥାନାରେ ମାମଲା (ନଂ. ୧୪୩/୪୪୭ / ୨୯୪ / ୧୪୯) ରୁଜୁ ହୋଇଛି।

## ବିଧାୟକଙ୍କ ୨ ସମର୍ଥକ ଗିରଫ

ଯୋଡ଼ା,୬।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଟାଟା ଷ୍ଟିଲ ଖଣ୍ଡବନ୍ଧ ଖଣି ଘେରାଉ ମାମଲାରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସମର୍ଥକ କୁହାଯାଉଥିବା ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଅଶୋକ ମହାନ୍ତ ଓ ଇନ୍ଦ୍ରମଣି ବେହେରା। ନିଯୁକ୍ତି ଦାବିକରି ୫।୧୨।୧୮ରେ ଜଲହରି, ଜୁରୁଡି, ଜଜାଙ୍ଗ ପଞ୍ଚାୟତର କେତେକ ଶ୍ରମିକ ଉକ୍ତ ଖଣି ଘେରାଉ କରିଥିଲେ। ଘେରାଉ ସମୟରେ ଖଣିରେ ଥିବା ଏକ ଡ୍ରିଲିଂ ମେଶିନକୁ ଆନ୍ଦୋଳନକାରୀ ପୋଡ଼ିଦେଇଥିଲେ। ୮୦ ହଜାର ଟଙ୍କା ମୂଲ୍ୟର ଏକ ଯନ୍ତ୍ରାଂଶ ଲୁଟ୍ ଉଦ୍ୟମ କରିଥିବା ବାମେବାରୀ ଟିସ୍କୋ- ଖଣ୍ଡବନ୍ଧ ଖଣିର ଏସଆଇଏସ ସିକ୍ୟୁରିଟ୍ ସଂସ୍ଥାର ମ୍ୟାନେଜର ଲମ୍ବୋଦର ମହାନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୫୨/୧୮) ରୁଜୁ କରିଥିଲା। ଏହି ମାମଲାରେ ପୋଲିସ ପୂର୍ବରୁ ୧୦ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ଯୋଡ଼ା ଥାନା ଅଧିକାରୀ ମନୋଜ କୁମାର ରାଉତ କହିଛନ୍ତି।

ଏହି ମାମଲାରେ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ସମେତ ସମୁଦାୟ ୬୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ମୁଖ୍ୟ ସମର୍ଥକ ଅଶୋକଙ୍କୁ ଶନିବାର ଯୋଡା ପୋଲିସ ଗିରଫ କରିଛି। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଯୋଡ଼ା ଥାନା ଆଇଆଇସି ମନୋଜ କହିଛନ୍ତି। ରବିବାର ବାମେବାରୀ ପୋଲିସ ଏହି ମାମଲାରେ କମଳପୁର ଗ୍ରାମର ଇନ୍ଦ୍ରମଣି ବେହେରାଙ୍କୁ ଗିରଫ କରିଥିଲା ବୋଲି ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

## ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ଅସୁସ୍ଥ

ଯୋଡ଼ା,୬।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ମହୋତ୍ସବରେ ଶନିବାର ମୁଖ୍ୟଅତିଥି ଭାବେ ଯୋଗଦେବା ପାଇଁ ଆସିଥିବା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆୟୋଜିତ ମହୋତ୍ସବରେ ସନ୍ଧ୍ୟାରେ ଯୋଗଦେବା ପରେ ରାତ୍ରିଯାପନ ପାଇଁ ତାଙ୍କ ସ୍ତ୍ରୀଙ୍କ ସହ ଯୋଡାସ୍ଥିତ ଟାଟା ଷ୍ଟିଲ୍ ଯୋଡ଼ା ଭିୟୁ ଗେଷ୍ଟ ହାଉସ୍‌ରେ ରହିଥିଲେ। ବିଳମ୍ବିତ ରାତ୍ରିରେ କୌଣସି କାରଣରୁ ମନ୍ତ୍ରୀ ପଣ୍ଡା ଅସୁସ୍ଥ ହୋଇପଡିଥିଲେ ବୋଲି କୁହାଯାଉଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗେଷ୍ଟ ହାଉସରୁ ଟାଟା ଷ୍ଟିଲ୍ ଡାକ୍ତରଖାନାକୁ ନିଆଯାଇଥିଲା। ଏ ନେଇ ଟାଟା ଷ୍ଟିଲ୍ ଡାକ୍ତରଖାନାର ମୁଖ୍ୟ ଡାକ୍ତର ଏ.କେ. ରାୟଙ୍କୁ ପଚାରିବାରୁ ମନ୍ତ୍ରୀ ପଣ୍ଡା ବାନ୍ତି ଓ ବଦହଜମିରେ ଆକ୍ରାନ୍ତ ହୋଇଛନ୍ତି। ସାଲାଇନ୍ ଲାଗିବା ପରେ ଯଦିଓ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି, ଦୁର୍ବଳତା କାରଣରୁ ଦେହରେ ଜ୍ୱର ଥିବାରୁ ତାଙ୍କୁ ଅବ୍‌ଜରଭେଶନରେ ରଖାଯାଇଥିବା ସେ କହିଛନ୍ତି।

## ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ହତ୍ୟା: ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୬।୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ସାନମୌଜା ଗ୍ରାମର ବାରଜୁ ମାଝୀ (୬୫)ଙ୍କୁ ଶନିବାର ରାତିରେ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ସାନମୌଜା ଗ୍ରାମର କାହ୍ନୁ ଟୁଡୁଙ୍କୁ ରବିବାର ଗିରଫ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଛି। କାହ୍ନୁ ମୃତ ବାରଜୁଙ୍କ ସାନପୁଅ ଚୈତନ୍ୟଙ୍କ ଶଳା ବୋଲି ପୋଲିସ କହିଛି। ବାରଜୁଙ୍କ ଭଉଣୀ ବିଗିରି ମାରାଣ୍ଡିଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୧/୨୦୧୮) ରୁଜୁ କରିଛି। ପ୍ରକାଶ ଯେ, ଶନିବାର ରାତିରେ ବାରଜୁ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ପାଇ କାହ୍ନୁ ବାରଜୁଙ୍କ ଘରେ ପଶି ତାଙ୍କୁ ଏକ ଟାଙ୍ଗିଆରେ ହତ୍ୟା କରିଥିଲେ।

## ଦମ୍ପତିଙ୍କ ମାଡ଼ରେ ଯୁବକଙ୍କ ଜୀବନ ଗଲା: ଥାନାରେ ୨ ଅଟକ

ରାସଗୋବିନ୍ଦପୁର,୬।୧(ଡି.ଏନ.ଏ.)

ପଡୋଶୀ ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ କରିବା ଘଟଣାରେ ଜଣେ ଯୁବକଙ୍କ ପ୍ରାଣ ଯାଇଛି। ଉକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କ ମାଡରେ ଉକ୍ତ ଯୁବକଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ସମ୍ପୃକ୍ତ ଯୁବକଙ୍କୁ ଦମ୍ପତି ଗଛରେ ବାନ୍ଧି ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକେ ଆସିବା ପୂର୍ବରୁ ଅତ୍ୟଧିକ ଥଣ୍ଡାରେ ଯୁବକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ଘଟଣା ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ଦମ୍ପତିଙ୍କ କହିବା ଅନୁଯାୟୀ, ବଧୁମୁହଁ ଅଞ୍ଚଳର ବାସୁଦେବ ନାମକ ଯୁବକ ଶନିବାର ବିଳମ୍ବିତ ରାତିରେ ତାଙ୍କ ଘରେ ପଶିଥିଲେ। ସେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରୁଥିବା ବେଳେ ତାଙ୍କ ସ୍ୱାମୀ ଉଠିପଡି ଯୁବକଙ୍କୁ କାବୁ କରିନେଇଥିଲେ। ପରେ ସ୍ୱାମୀ, ସ୍ତ୍ରୀ ଦୁହେଁ ମିଶି ବାସୁଦେବଙ୍କୁ ମାରପିଟ୍ କରିବା ସହିତ ଘର ସମ୍ମୁଖରେ ଥିବା ଏକ ଗଛରେ ବାନ୍ଧି ପକାଇଥିଲେ। ରାତିରେ ଉଭୟ ସ୍ୱାମୀ, ସ୍ତ୍ରୀ ପଡୋଶୀମାନଙ୍କୁ ଡାକି ଘଟଣା ସମ୍ପର୍କରେ ଅବଗତ କରିବା ସହିତ ବାସୁଦେବଙ୍କ ଘରକୁ ମଧ ଖବର ଦେଇଥିଲେ। ପରେ ବାସୁଦେବଙ୍କ ମୃତ୍ୟୁ ହୋଇଯାଇଥିଲା। ରବିବାର ସକାଳେ ସ୍ଥାନୀୟ ଅମର୍ଦ୍ଦା ଫାଣ୍ଡି ପୋଲିସ ଘଟଣା ସମ୍ପର୍କରେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ରାସଗୋବିନ୍ଦପୁର ଥାନାକୁ ସୂଚନା ଦେଇଥିଲେ। ଥାନା ଆଇଆଇସି ରେଣୁବାଳା ସାହୁ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଦମ୍ପତି ସମସ୍ତ ତଥ୍ୟ ପ୍ରଦାନ କରିଛନ୍ତି।

## ନିଶା କବଳରେ ନାବାଳକ

**ସଞ୍ଜ ନଇଁଲେ ଘରୁ ବାହାରିବାକୁ ଡର**

ରାଇସୁଆଁ,୬।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ପୋଲିସ ପ୍ରଶାସନ ରୋକ୍ ଲଗାଇବାରେ ବିଫଳ ହୋଇଛି। ନିଶା ପାଇଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। କେତେକ ନାବାଳକ ଏହି ନିଶା କବଳରେ ପଡ଼ି ପଥଭ୍ରଷ୍ଟ ହୋଇ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ସଞ୍ଜ ହେଲେ ଲୋକେ ଘରୁ ବାହାରକୁ ବାହାରିବାକୁ ଡରୁଛନ୍ତି। ସନ୍ଧ୍ୟା ହେଲେ ନିଶା କାରବାର ଚାଲୁଛି। ନିଛାଟିଆ ସ୍ଥାନରେ ନିଷିଦ୍ଧ ହୋଇ ଥିବା ଡେ୍ରନ୍‌ଡ୍ରାଇଟ ଅଠାକୁ ପଲିଥିନରେ ଦଳି ନାକରେ ଆଘ୍ରାଣ କରୁଛନ୍ତି କେତେକ ନାବାଳକ। ଉକ୍ତ ଅଠାରେ ଏକ ମାରାତ୍ମକ ନିଶା ତତ୍ତ୍ୱ ରହିଛି। ସେହି ନିଶାକୁ ଅଭ୍ୟାସ କଲେ ତାହା ଛାଡି ହେବନି ବୋଲି କେତେକ ଲୋକ କହୁଛନ୍ତି। ଏହି ନିଶା ଡେନ୍‌ଡ୍ରାଇଟ ଅଠା ବିକ୍ରି ନିଷେଧ ହୋଇଛି। କିପରି କେତେକ ନାବାଳକ ଏହି ନିଶାକୁ ପାଉଛନ୍ତି। ଅସାଧୁ ଲୋକ ମାରାତ୍ମକ ଡେନ୍‌ଡ୍ରାଇଟ ଆଣି ଚୋରାରେ ଆଣି ବିକ୍ରି କରୁଛନ୍ତି। ଜଣେ ଡାକ୍ତରଙ୍କୁ ଏ ନେଇ ପଚାରିବାରୁ ତାଙ୍କ ନାମ ଗୁପ୍ତ ରଖି କହିଛନ୍ତି, ସେହି ଅଠାରେ ଏକ ମାରାତ୍ମକ ନିଶା ତତ୍ତ୍ୱ ରହିଛି। ଥରେ ଏହି ନିଶା ନେଲେ ସେ ମାନସିକ ସନ୍ତୁଳନ ହରାଇ ବସିଥାଏ। ଏଥିପ୍ରତି ରୋକ ନ ଲଗାଗଲେ ନିଶା କବଳରେ ବହୁ ନାବାଳକ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବା ଆଶଙ୍କା ରହିଛି। ଜିଲା ପ୍ରଶାସନ ଏବଂ ଅବକାରୀ ବିଭାଗ ଏବଂ ଆରକ୍ଷୀ ଅଧୀକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତ୍ପଥୀ